ବର୍ଷ-୨୬, ସଂଖ୍ୟା-୯୭
ଭୁବନେଶ୍ୱର
୧୦, ଏପ୍ରିଲ ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.97
Bhubaneswar
10 April, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଶ୍ରେୟାଙ୍କ ଲାଇଭ୍ ଆଲବମ୍



# ୨୦୨୧ର ରେକର୍ଡ ଭାଙ୍ଗିଲା ଆସାମର ଭୋଟିଂ ହାର

## କେରଳ ଓ ପୁଡୁଚେରୀରେ ବି ମତଦାନ ଶେଷ

ନୂଆଦିଲ୍ଲୀ,୯।୪: ଆସାମ ଓ କେରଳ ସମେତ କେନ୍ଦ୍ର ଶାସିତ ପୁଡୁଚେରୀ ବିଧାନସଭା ଆସନ ପାଇଁ ଆଜି ମତଦାନ ଶେଷ ହୋଇଛି। ଗୁରୁବାର ଦିନ ତମାମ ସବୁ ସ୍ଥାନରେ ଲୋକମାନେ ବିପୁଳ ସଂଖ୍ୟାରେ ସାମିଲ ହୋଇ ଗଣତନ୍ତ୍ରର ମହାନ ପର୍ବରେ ନିଜକୁ ସାମିଲ କରିଛନ୍ତି। ଧାର୍ଯ୍ୟ ସମୟ ସନ୍ଧ୍ୟା ୫ଟା ପରେ ମଧ ଲୋକଙ୍କ ଲମ୍ବା ଲାଇନ ବୁଥ ବାହାରେ ଦେଖିବାକୁ ମିଳିଛି।

ପୁଡୁଚେରୀରେ ସର୍ବାଧିକ ୮୬.୯୨% ଭୋଟିଂ ରେକର୍ଡ ହୋଇଥିବା ବେଳେ ଆସାମରେ ଭୋଟିଂ ହାର ସନ୍ଧ୍ୟା ୫ଟା ସୁଦ୍ଧା ୮୪.୪୨ ରହିଛି। ସେହିପରି କେରଳରେ ୭୫.୦୧% ଲୋକ ମତଦାନ କରିଛନ୍ତି। ଯେହେତୁ ବିଭିନ୍ନ ବୁଥରେ ଲମ୍ବା ଲାଇନ ରହିଛି, ତେଣୁ ଆଗକୁ ଭୋଟିଂ ହାର ବ?ିବାର ସମ୍ଭାବନା ରହିଛି।

ସନ୍ଧ୍ୟା ୫ଟା ସୁଦ୍ଧା ଆସାମରେ ୮୪.୪୨% ମତଦାନ ହେବା ଗୋଟିଏ ରେକର୍ଡ। ୨୦୨୧ରେ ଆସାମର ୧୨୬ ବିଧାନସଭା ଆସନରେ ଭୋଟିଂ ହାର ୮୨.୦୪% ରହିଥିଲା। କିନ୍ତୁ ଏଥର ଆସାମରେ ରେକର୍ଡ ସଂଖ୍ୟକ ମତଦାନ ହୋଇଛି। ଏହି ଭୋଟିଂ ହାର ଆହୁରି ୨ରୁ ୩% ବ?ିବାର ସମ୍ଭାବନା ବି ରହିଛି।

ଆସାମରେ ଏଥର ବଡ ଲ??ଇ ହେଉଛି। କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ରମାଗତ ତୃତୀୟ ଥର ପାଇଁ ଶାସନ ଦଖଲ କରିବା ଲକ୍ଷ୍ୟରେ ରହିଥିବା ବେଳେ କଂଗ୍ରେସ ଦଶନ୍ଧି ପରେ ଶାସନକୁ ଫେରିବାକୁ ଉଦ୍ୟମ କରୁଛି।

ରାଜ୍ୟର ଡାଲଗାଓଁରେ ସର୍ବାଧିକ ୯୪.୫୭% ଭୋଟିଂ ହୋଇଥିବା ବେଳେ ଆମ୍ରୀରେ ସର୍ବନିମ୍ନ ୭୦.୪୦% ମତଦାନ ରେକର୍ଡ କରାଯାଇଛି। ୧୨୬ ବିଧାନସଭା ଆସନରେ ମୋଟ ୭୨୨ ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ୩୧,୪୯୦ ବୁଥରେ ଲୋକମାନେ ସକାଳ ୭ଟାରୁ ମତଦାନ ଆରମ୍ଭ କରିଥିବା ବେଳେ ଧାର୍ଯ୍ୟ ସମୟ ସନ୍ଧ୍ୟା ୫ଟା ପରେ ଭୋଟିଂ ଚାଲିଛି।

କେରଳର ୧୪୦ ବିଧାନସଭା ଆସନ ପାଇଁ ମଧ ଆଜି ମତଦାନ ଶେଷ ହୋଇଛି। ଏଠାରେ ଭୋଟିଂ ଶେଷ ସମୟ ସନ୍ଧ୍ୟା ୬ଟା ଯାଏ ରହିଥିଲା। ତଥାପି ଲୋକମାନେ ବିଭିନ୍ନ ବୁଥରେ ଲମ୍ବା ଧାଡିରେ ରହିଥିବାରୁ ସେମାନଙ୍କୁ ଭୋଟ ଦେବାକୁ ଅନୁମତି ମିଳିଛି। ଏଠାରେ ସନ୍ଧ୍ୟା ୫ଟା ମଧ୍ୟରେ ଭୋଟିଂ ହାର ୭୫.୦୧% ରେକର୍ଡ କରାଯାଇଛି। ଏହା ୨୦୨୧ରେ ହୋଇଥିବା ୭୪.୦୬% ଭୋଟିଂ ହାର ଠାରୁ ସାମାନ୍ୟ ଅଧିକ। ପୁଡୁଚେରୀର ସମସ୍ତେ ୩୦ ବିଧାନସଭା ଆସନ ପାଇଁ ଲୋକମାନେ ଭୋଟ ଦେଇଛନ୍ତି। ଏଠାରେ ପ୍ରାୟ ୮୭% ଭୋଟିଂ ହୋଇଛି। ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ଏନଡିଏ ଏବେ କ୍ଷମତାରେ ରହିଛି। ଆଜି ୨ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ମତଦାନ ଶେଷ ହୋଇଥିବା ବେଳେ ଆସନ୍ତା ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

# ଟ୍ରମ୍ପଙ୍କ ନୂଆ ଧମକ

**ନୂଆଦିଲ୍ଲୀ,୯।୪(।କେଏନଏସ):** ଇରାନ-ଆମେରିକା ମଧ୍ୟରେ ଅସ୍ତ୍ରବିରତି ପରେ ଲେବାନନ ଉପରେ ଇସ୍ରାଏଲର ଭୟଙ୍କର ଆକ୍ରମଣରେ ୨୫୪ଜଣଙ୍କ ମୃତ୍ୟୁ । ଅସ୍ତ୍ରବିରତି ଘୋଷଣା ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଇସ୍ରାଏଲ ସେନା ଲେବାନନ ଉପରେ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଆକ୍ରମଣ କରିଛି । ଏହି ଭୟଙ୍କର ଆକ୍ରମଣରେ ଅତିକମରେ ୨୫୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧,୧୬୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଏହାକୁ 'ଅପରେସନ୍ ଇଟର୍ଣ୍ଣାଲ୍ ଡାର୍କନେସ୍' ନାମ ଦେଇଛି। ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି, ସେମାନେ ମାତ୍ର ୧୦ ମିନିଟ୍ ମଧ୍ୟରେ ଲେବାନନର ପ୍ରାୟ ୧୦୦ଟି ସ୍ଥାନରେ ଶକ୍ତିଶାଳୀ ବୋମା ବିସ୍ଫୋରଣ କରିଛନ୍ତି ।ବେରୁତର ଜନବହୁଳ ଆବାସିକ ଅଞ୍ଚଳ, ସିଦୋନ ଏବଂ ଦକ୍ଷିଣ ଲେବାନନରେ ଏହି ଆକ୍ରମଣ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି ।ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସ୍ପଷ୍ଟ କରିଛନ୍ତି, ଇରାନ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତିରେ ଲେବାନନ ସାମିଲ ନାହିଁ ଏବଂ ହିଜବୁଲ୍ଲା ବିରୋଧରେ ସେମାନଙ୍କର ଅଭିଯାନ ଜାରି ରହିବ।



ଅନ୍ୟପଟେ ଲେବାନନ ପ୍ରଧାନମନ୍ତ୍ରୀ ଏହାକୁ ଏକ 'ନରସଂହାର' ବୋଲି କହିଛନ୍ତି ଏବଂ ଲେବାନନାର ଅ।ଜି ରାଷ୍ଟ୍ରୀୟ ଶୋକ ପାଳନ କରାଯିବ । ଅସ୍ତ୍ରବିରତିର ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପଙ୍କ ନୂଆ ଧମକ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମ ଦେଶର ସୈନ୍ୟ ଏବଂ ଯୁଦ୍ଧଜାହାଜ ଇରାନରେ ରହିବେ । ସେ ସ୍ପଷ୍ଟ କରିଛନ୍ତି, ଯଦି ଆଲୋଚନାର ଫଳାଫଳ ଆମ ଆଶା ପୂରଣ ନ କରେ, ତେବେ ଶତ୍ରୁତା ପୁଣି ଥରେ ଆରମ୍ଭ ହୋଇପାରେ। ଇରାନରେ ସୈନ୍ୟ ରଖିବାର ଏହି ଘୋଷଣା ଟ୍ରମ୍ପ ଇରାନରେ ଅସ୍ତ୍ରବିରତି ଘୋଷଣା କରିବାର ୨୪ ଘଣ୍ଟା ପରେ ଆସିଛି। ଟ୍ରମ୍ପ ନିର୍ଦ୍ଦିଷ୍ଟ ଭାବରେ ହର୍ମୁଜ୍ ପ୍ରଣାଳୀ ଖୋଲିବା ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଫଳରେ ଇରାନରେ ପରିସ୍ଥିତି ପୁଣି ସଙ୍କଟ ଜନକ ହେବାର ଆଶଙ୍କା ସୃଷ୍ଟି କରିଛି ।ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି, ମୂଳ ଚୁକ୍ତି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ସମସ୍ତ ଆମେରିକୀୟ ଜାହାଜ, ବିମାନ, ସୈନ୍ୟ, ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମରିକ ଉପକରଣ ଇରାନ ଏବଂ ଏହାର ଆଖପାଖରେ ରହିବେ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ଯଥେଷ୍ଟ ଦୁର୍ବଳ ହୋଇଯାଇଛି, କିନ୍ତୁ ଶତ୍ରୁକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ଏବଂ ପରାସ୍ତ କରିବା ପାଇଁ ଇରାନର ସାମରିକ ଶକ୍ତି ଏବେ ବି ରହିଛି ।

## ଆଜି ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର,୯।୪(ମହାଭରତ): ଆସନ୍ତାକାଲି ଏପ୍ରିଲ ୧୦ରେ ମୋହନ ସରକାରଙ୍କ ୩୮ ତମ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଲୋକସେବା ଭବନରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ। ଏଥିରେ ପଞ୍ଚାୟତିରାଜ, ନିର୍ମାଣ, ରାଜସ୍ୱ, ବିଦ୍ୟାଳୟ ଓ ଗଣଶିକ୍ଷା ସହ ଅନ୍ୟାନ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ପାନୀୟଜଳ ସମ୍ପର୍କିତ ଏକ ନୂତନ ନୀତି ଉପରେ ଆଲୋଚନା ହେବ। ସରକାରଙ୍କ ଲକ୍ଷ୍ୟ ରାଜ୍ୟର ସମସ୍ତ ଘରକୁ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚାଇବା। ଏହା ସହ ଜଳ ଯୋଗାଣର ରକ୍ଷଣାବେକ୍ଷଣ ପାଇଁ ମଧ ନୂଆ ବ୍ୟବସ୍ଥା ଆଣିଯିବାକୁ ପ୍ରସ୍ତାବ ରହିଛି। ଏହାଛଡ଼ା ନିର୍ମାଣ ବିଭାଗ ପକ୍ଷରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସେତୁ ପାଇଁ ଟେଣ୍ଡର ପ୍ରସ୍ତାବ ମଧ ଆସିବାକୁ ଥିବାରୁ ଏଥିରେ ଅନୁମୋଦନ ମିଳିପାରେ। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଏପର୍ଯ୍ୟନ୍ତ ୩୭ଟି କ୍ୟାବିନେଟ୍ ବୈଠକ ହୋଇସାରିଛି।

# ଦିନକୁ କେବଳ ୧୫ ଜାହାଜ ହର୍ମୁଜରେ ଛାଡିବ ଇରାନ

ତେହେରାନ,୯।୪(ମହାଭରତ): ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଲାଗୁ ହୋଇଥିବା ଯୁଦ୍ଧ ବିରତି ଏବେ ବି ବଜାୟ ରହିଛି। ଏସବୁ ଭିତରେ ଇରାନ ସ୍ପଷ୍ଟ କରିଛି ଯେ ଏହି ଯୁଦ୍ଧ ବିରତି ସର୍ତ୍ତ ଭିତ୍ତିକ ଓ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ଯୁଦ୍ଧ ପୂର୍ବ ସ୍ଥିତିକୁ ଫେରିବାକୁ ଅନେକ ସମୟ ଲାଗିବ।



ଯୁଦ୍ଧ ବିରତି ସମୟରେ ଅତି ବେଶୀରେ ହର୍ମୁଜ ଦେଇ ଦିନକୁ ୧୫ଟି ଜାହାଜ ଯାଇ ପାରିବ। ସେହିପରି ଜାହାଜଗୁଡିକ ବିଶ୍ୱର ଏହି ପ୍ରମୁଖ ଜଳମାର୍ଗ ଅତିକ୍ରମ କରିବା ପୂର୍ବରୁ ଇରାନୀୟ ସେନାର ଅନୁମତି ମଧ ଆବଶ୍ୟକ।

ଇସଲାମାବାଦରେ ଶୁକ୍ରବାର ହେବାକୁ ଥିବା ପ୍ରସ୍ତାବିତ ଶାନ୍ତି ଆଲୋଚନା ପୂର୍ବରୁ ଜଣେ ବରିଷ୍ଠ ଇରାନୀୟ ଅଧିକାରୀ କହିଛନ୍ତି ଯେ ପ୍ରତ୍ୟେକ ଜାହାଜର ଚଳାଚଳ ପାଇଁ ପ୍ରଥମେ ଇରାନର ଅନୁମୋଦନ ଆବଶ୍ୟକ। ଜାହାଜଗୁଡିକୁ ନିର୍ଦ୍ଦିଷ୍ଟ ପ୍ରୋଟୋକଲ ମାନିବାକୁ ପଡିବ। ବର୍ତ୍ତମାନର ଯୁଦ୍ଧ ବିରତି ଅନୁସାରେ ହର୍ମୁଜ ପ୍ରଣାଳୀ ଦେଇ ଦିନକୁ ୧୫ରୁ କମ୍ ଜାହାଜକୁ ଅନୁମତି ଦିଆଯିବ।

ଏହି ନୂତନ ନିୟମାବଳୀ ଓଜଏଉ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବ। ଏ ସମ୍ପର୍କରେ ଆଞ୍ଚଳିକ ପକ୍ଷଗୁଡ଼ିକୁ ଆନୁଷ୍ଠାନିକ ଭାବେ ମଧ ଜଣାଇ ଦିଆଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତି। ତାଙ୍କ କହିବା କଥା ଯେ ହର୍ମୁଜରେ ଯୁଦ୍ଧ ପୂର୍ବର ସ୍ଥିତି ଏବେ ଫେରିବାର ନାହିଁ। ଯୁଦ୍ଧ ବିରତି ସମୟରେ ଇରାନ ଗୋଟିଏ ଆର୍ଥିକ ସର୍ତ୍ତ ମଧ ଉପସ୍ଥାପନ କରିଛି। ତେହରାନ ଦାବି କରିଛି ଯେ ବିଦେଶରେ ଜବତ ହୋଇଥିବା ସମ୍ପତ୍ତିକୁ ଦୁଇ ସପ୍ତାହ ମଧ୍ୟରେ ମୁକ୍ତ କରାଯାଉ। ତେହରାନ ଏହା ମଧ କହିଛି ଯେ ମିଳିତ ଜାତିସଂଘର ସୁରକ୍ଷା ପରିଷଦର ଗୋଟିଏ ପ୍ରସ୍ତାବ ମାଧ୍ୟମରେ ଆନୁଷ୍ଠାନିକ ଭାବେ ଯୁଦ୍ଧ ବନ୍ଦକୁ ସ୍ୱୀକୃତି ଦିଆଯାଉ।

ଏଥିରେ ଇରାନର ସର୍ତ୍ତଗୁଡିକୁ ଉଲ୍ଲେଖ କରାଯାଉ। ଯଦି ଏପରି ନ ହେବ, ତା'ହେଲେ ଏହାର ପରିଣାମ ଭୟଙ୍କର ହେବ ବୋଲି ମଧ ଇରାନ ଚେତାବନୀ ଦେଇଛି। ଯୁଦ୍ଧ ବନ୍ଦକୁ ସ୍ୱୀକୃତି ନ ମିଳିବ, ତା'ହେଲେ ଆମେକା ଓ ଇହୁଦୀ ଶାସନ ବିରୋଧରେ ଇରାନ ପୁନଃ ଯୁଦ୍ଧ ଆରମ୍ଭ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛି। ଏହାବାଦ ଦୁଇ ସପ୍ତାହର ଯୁଦ୍ଧ ବିରତି ସମୟରେ ୱାଶିଂଟନ ମଧ୍ୟପ୍ରାଚ୍ୟରେ ତା'ର ସୈନ୍ୟ ଉପସ୍ଥିତି ବୃଦ୍ଧି କରିବ ନାହିଁ ବୋଲି ଇରାନ ସର୍ତ୍ତ ରଖିଛି।

# ରାଜଧାନୀବାସୀ ପାଇବେ ବିଶ୍ୱସ୍ତରୀୟ ଗୁଣାତ୍ମକ ବିଦ୍ୟୁତସେବା



ଭୁବନେଶ୍ୱର,୯।୪(।କେଏନଏସ): ଭୁବନେଶ୍ୱରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଲିଅନ୍ତା ଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନ୍ ଉଦ୍‌ଘାଟନ କରିଛନ୍ତି।

ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ - ବାଲିଅନ୍ତା, ସତ୍ୟନଗର, ଏବଂ କଟକର ଏସ୍.ସି.ବି. ମେଡିକାଲରେ ସ୍ଥାପନ କରାଯାଇଛି। ଯାହାଦ୍ୱାରା ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଏହା ସହିତ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ ଉତ୍ସ ସହିତ ସଂଯୋଗ ମଧ କରାଯାଇଛି। ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତସେବା ପାଇପାରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ଗୁଡିକ ବହୁ ପୂର୍ବରୁ ମଞ୍ଜୁରୀ ପାଇଥିଲେ ମଧ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁ ଏ ଗୁଡିକର କାର୍ଯ୍ୟ ଆରମ୍ଭ ହୋଇପାରୁ ନଥିଲା। ନୂଆ ସରକାର ଦାୟିତ୍ୱ ଗ୍ରହଣ କଲାପରେ, ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇ ସମସ୍ତ ସମସ୍ୟାର ସମାଧାନ କରି ବର୍ଷକ ତଳେ କାମ ଆରମ୍ଭ ହୋଇଥିଲା। ମାତ୍ର ୧ ବର୍ଷ ମଧ୍ୟରେ ଓଡ଼ିଶା ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥି ମଧ୍ୟରୁ ନୟାପଲ୍ଲୀ ଗ୍ରୀଡ ଗତବର୍ଷ ଠାରୁ ବିଦ୍ୟୁତ ସେବା ଆରମ୍ଭ ହୋଇସାରିଛି। ରାଜଧାନୀ ବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ ସଂକଳ୍ପ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଯେଉଁଠି ଦୃଢ ଇଚ୍ଛାଶକ୍ତି ଥାଏ, ସେଠାରେ ଅସମ୍ଭବ ସମ୍ଭବ ହୁଏ' ।ସେଥିପାଇଁ ଆମେ ମାତ୍ର ୧ ବର୍ଷ ଭିତରେ ୪ଟି ଗ୍ରୀଡ ସବ୍‌ଷ୍ଟେସନ କାମ ସମ୍ପୂର୍ଣ୍ଣ କରିପାରିଲୁ । ଭୁବନେଶ୍ୱରର ବିଦ୍ୟୁତ ଶକ୍ତି ଚାହିଦା ଦୁଇଗୁଣା ହେବ । ଯାହା ବର୍ତ୍ତମାନ ଏକ ହଜାର ମେଗାୱାଟ୍ ଅଛି ତାହା ୨୦୩୦ ସୁଦ୍ଧା ଦୁଇ ହଜାର ମେଗାୱାଟ୍‌ରେ ପହଁଚିବ ।

**ଗ୍ରୀଡ୍ ସବଷ୍ଟେସନ୍ ଏବଂ ୮ ଟ୍ରାନ୍ସମିସନ୍ ଲାଇନ ଲୋକାର୍ପିତ**

**ଯେଉଁଠାରେ ଦୃଢ ଇଚ୍ଛାଶକ୍ତି ଥାଏ, ସେଠାରେ ଅସମ୍ଭବ ସମ୍ଭବ ହୁଏ**

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜଧାନୀ ଭୁବନେଶ୍ୱରର ଭବିଷ୍ୟତ ବିକାଶକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ ଏବଂ ଆଧୁନିକ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଏହି ନୂତନ ଏଓଙ୍କ ଗ୍ରୀଡ ସବଷ୍ଟେସନ ଓ ସଂଲଗ୍ନ ଟ୍ରାନ୍ସମିସନ ଲାଇନଗୁଡ଼ିକ ରାଜଧାନୀରେ ନିରବଚ୍ଛିନ୍ନ, ଉଚ୍ଚ ଗୁଣସ୍ତରୀୟ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହା ଫଳରେ ଶିଳ୍ପ, ବ୍ୟବସାୟ, ଆଇଟି ଏବଂ ନଗରୀୟ ଜୀବନର ସମଗ୍ର ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କର ଯେଉଁ ଡିଜିଟାଲ ଇଣ୍ଡିଆର ପରିକଳ୍ପନା ରହିଛି, ସେହି ଆଧାରରେ ଓଡିଶାର ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ପୁର୍ନବିନ୍ୟାସ କରାଯାଉଛି । ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିଟାଲ ଗ୍ରୀଡ୍ ସବଷ୍ଟେସନ ନିର୍ମାଣ କରାଯାଇଛି । ସେହିପରି ରାଜଧାନୀ ପାଇଁ ୭୬୫ କେ.ଭି. ଟ୍ରାନ୍ସମିସନ ବ୍ୟବସ୍ଥାର ବିକାଶ କରିବାର ଯୋଜନା ରହିଛି । ପରବର୍ତ୍ତୀ ସମୟରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରୀଡ୍ ସବ୍‌ଷ୍ଟେସନକୁ ଏକାଧିକ ଫିଡର ମାଧ୍ୟମରେ ଯୋଗାଣ ବ୍ୟବସ୍ଥା କରାଯିବ । ଏହା ବିଦ୍ୟୁତ୍ ସରବରାହରେ ଅଧିକ ସ୍ଥିରତା ଆଣିବା ସହିତ ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା

## ଆଇପିଏସ ଆଶିଷ ସିଂଙ୍କୁ ଓଡିଶା କ୍ୟାଡରକୁ ଫେରାଇଦେଲା କେନ୍ଦ୍ର

ଭୁବନେଶ୍ୱର,୯।୪(ମହାଭରତ): ଓଡିଶା କ୍ୟାଡରର ଆଇପିଏସ୍ ଆଶୀଷ କୁମାର ସିଂଙ୍କୁ କେନ୍ଦ୍ର ସରକାର ଆଜି ନିଜ କ୍ୟାଡର(ଓଡିଶା)କୁ ଫେରାଇ ଦେଇଛନ୍ତି। କେନ୍ଦ୍ରୀୟ ଗୁଇନ୍ଦା ବିଭାଗ(ଆଇବି)ରେ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟରତ ଥିବା ଶ୍ରୀ ସିଂଙ୍କୁ ତତ୍କାଳ ଅବ୍ୟାହତ ଦେଇ ଆଜି ଅପରାହ୍ନରୁ ଓଡିଶା କ୍ୟାଡରକୁ ଫେରିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇପିଏସ୍ ଟେନିୟର ପଲିସ(କାର୍ଯ୍ୟକାଳ ନୀତି)ର ପାରା-୬.୫ର ପ୍ରାବଧାନ ଆଧାରରେ ଆଇବିରେ 'ହାର୍ଡକୋର' ଭାବେ ୨୦୨୩ ମସିହାରୁ କାର୍ଯ୍ୟ କରୁଥିବା ଶ୍ରୀ ସିଂଙ୍କୁ କେନ୍ଦ୍ର ସରକାର ଫେରାଇ ଦେବା ଏବେ ପାୱାର କରିଡରରେ ଚର୍ଚ୍ଚାର ବିଷୟ ପାଲଟିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆଜି ଏହି ରିପାଟ୍ରିଏସନ୍ ବା ପ୍ରତ୍ୟାବର୍ତ୍ତନ ସମ୍ପର୍କିତ ବିଧିବଦ୍ଧ ନିର୍ଦ୍ଦେଶନାମା ମଧ ଜାରି ହୋଇଛି।



କେନ୍ଦ୍ର ଗୃହ ମନ୍ତ୍ରଣାଳୟଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଅନୁସାରେ, ଆଇବିରେ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଓଡିଶା କ୍ୟାଡରର ଆଇପିଏସ୍ ଆଶୀଷ କୁମାର ସିଂଙ୍କୁ ଅଚାନକ 'ହାର୍ଡକୋର'ରୁ ବାଦ୍ ଦେଇ ରାଜ୍ୟକୁ ଫେରାଇ ଦିଆଯାଇଛି ।ଶ୍ରୀ ସିଂଙ୍କୁ ଫେରାଇ ଦେବା ସହ ରାଜ୍ୟ ସରକାରଙ୍କୁ ମଧ ଚିଠି ଲେଖି ଅବଗତ କରାଯାଇଥିବା ଜଣାପଡିଛି । ୨୦୨୩ ମସିହା ମାର୍ଚ୍ଚ ମାସରେ ତାଙ୍କୁ ଆଇବି ହାର୍ଡକୋର' ଟିମରେ ସାମିଲ କରାଯାଇଥିଲା। ଯେଉଁଠାରୁ ସାଧାରଣତଃ କୌଣସି ଅଫିସରଙ୍କୁ ନିଜ ରାଜ୍ୟକୁ ଫେରାଇବା ପାଇଁ ସହଜରେ ଅନୁମତି ମିଳିନଥାଏ।

## ହେଜବୁଲ୍ଲା ମୁଖ୍ୟ ନଇମଙ୍କ ବ୍ୟକ୍ତିଗତ ସଚିବଙ୍କୁ ହତ୍ୟା କରିଛୁ : ନେତାନ୍ୟାହୁ

**ନୂଆଦିଲ୍ଲୀ,୯।୪(ମହାଭାରତ):** ଆମେରିକା-ଇରାନ ଅସ୍ତ୍ରବିରତି ମଧ୍ୟରେ ହେଜବୁଲ୍ଲା ମୁଖ୍ୟ ନଇମ୍ କାସେମ୍‌ଙ୍କ ବ୍ୟକ୍ତିଗତ ସଚିବ-ପୁତୁରାଙ୍କୁ ହତ୍ୟା କରିଛୁ ବୋଲି ଇସ୍ରାଏଲ ଦାବି କରିଛି। ତେବେ ହେଜବୁଲ୍ଲା ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଅ।ଯାଇ ନାହିଁ । ରଏଟର୍ସ ରିପୋର୍ଟ କରିଛି, ଇସ୍ରାଏଲ ଗୁରୁବାର ଦିନ ଘୋଷଣା କରିଛି ଯେ, ସେମାନେ ଲେବାନନ୍ର ରାଜଧାନୀ ବେରୁଟ୍ ଉପରେ ରାତିସାରା କରିଥିବା ଏକ ଆକ୍ରମଣରେ ଇରାନ ସମର୍ଥିତ ଲେବନିଜ୍ ଗୋଷ୍ଠୀ ହେଜବୁଲ୍ଲାର ମୁଖ୍ୟ ନଇମ୍ କାସେମ୍‌ଙ୍କ ପୁତୁରା ୟୁସୁଫ ହର୍ସିଙ୍କୁ କରିଛନ୍ତି ।ସେ ହେଜବୁଲ୍ଲା ମୁଖ୍ୟଙ୍କ ବ୍ୟକ୍ତିଗତ ସଚିବ ମଧ ଥିଲେ। ବିବୃତ୍ତିରେ କୁହାଯାଇଛି ଯେ ହର୍ଶି ହିଜବୁଲ ମୁଖ୍ୟଙ୍କର ଜଣେ ଘନିଷ୍ଠ ସହଯୋଗୀ ଏବଂ ବ୍ୟକ୍ତିଗତ ପରାମର୍ଶଦାତା ଥିଲେ ଏବଂ ମୁଖ୍ୟଙ୍କ କାର୍ଯ୍ୟାଳୟ ପରିଚାଳନା ତଥା ସୁରକ୍ଷାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିଲେ ।ଯଦି ହେଜବୁଲ୍ଲା ଏହି ମୃତ୍ୟୁକୁ ନିଶ୍ଚିତ କରେ, ତେବେ ଏହା ସଶସ୍ତ୍ର ଗୋଷ୍ଠୀ ଏବଂ ତେହେରାନ ପାଇଁ ଏକ ବଡ଼ ଆଘାତ ହେବ ।କାରଣ ହେଜବୁଲ୍ଲା ମଧ୍ୟପ୍ରାଚ୍ୟରେ ଇରାନର ପ୍ରମୁଖ ସହଯୋଗୀମାନଙ୍କ ମଧ୍ୟରୁ ଏକ ପ୍ରମୁଖ ସଂଗଠନ ।

## ସସ୍ମିତ ପାତ୍ରଙ୍କ ଇସ୍ତଫା ପତ୍ର ଗୃହୀତ

ଭୁବନେଶ୍ୱର,୯।୪(ମହାଭାରତ): ରାଜ୍ୟସଭା ସାଂସଦ ଡାକ୍ତର ସସ୍ମିତ ପାତ୍ରଙ୍କ ଇସ୍ତଫା ଗୃହୀତ ହୋଇଛି ।ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କର ଇସ୍ତଫା ପତ୍ରକୁ ଗ୍ରହଣ କରିଥିବା ସୂଚନା ମିଳିଛି ।ସସ୍ମିତ ପାତ୍ର ଗତକାଲି ବିଜୁ ଜନତା ଦଳର ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଥିଲେ। ସେ ତାଙ୍କର ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଥିଲେ, ଯାହା ଆଜି ଗୃହୀତ ହୋଇଛନ୍ତି ।ସସ୍ମିତ ପାତ୍ର କାହିଁକି ଇସ୍ତଫା ଦେଇଛନ୍ତି ତାହା ଜଣାପଡ଼ି ନାହିଁ। ରାଜ୍ୟସଭା ନିର୍ବାଚନ ପରେ ଅନ୍ୟମାନଙ୍କୁ ମୁଖିଆ ଏହି ଦାୟିତ୍ୱ ହସ୍ତାନ୍ତର କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।ସସ୍ମିତ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ ।

# ପୋଖରୀରେ ବୁଡି ୩ ଶିଶୁ ମୃତ

ନବରଙ୍ଗପୁର,୯।୪ମେହାଭାରତ) ଦଇବ ସାଝିଛି ଦାଉ । ପରିବାର କୁ ଶୋକ ସାଗର ରେ ଭସାଇ ଦେଇ ଅକାରଣେ ଆର ପାରିକୁ ଚାଲି ଯାଇଛନ୍ତି ତିନି ନିଷ୍ପାପ କୋମଳ ମତି ଶିଶୁ ।କିଏ ଜାଣିଥିଲା ଯେ ପୋଖରୀ ମଧ୍ୟରେ ଜଗି ବସିଥିବ ଯମ ବୋଲି । ସବୁ ଦିନ ଭଳି ଆଜି ମଧ ସେମାନେ ଯାଇଥିଲେ ଗାଧୋଇବାକୁ ହେଲେ ଫେରିଲେ ଶବ ହୋଇ ।ଅଶାନ୍ତ ପରିବେଶ ସମସ୍ତଙ୍କ ଆଖି ରେ ଲୁହ ଛାତି ରେ କୋହ। ଏମିତି ଛାତି ଥରା ହୃଦୟ ବିଦାରକ ଦୃଶ୍ୟ ଭଗବାନ କେବେ କାହା ଭାଗ୍ୟ ରେ ନ ଲେଖୁ। ଘଟଣା ଅନୁସାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୁର୍ସି ଗ୍ରାମ ଉପରପାରା ଠାରେ ଗାଧୋଇବାକୁ ଯାଇ ପୋଖରୀ ରେ ବୁଡି ତିନି ନାବାଳିକା ଙ୍କ ମୃତ୍ୟୁ ହୋଇଛି ।ଉକ୍ତ ଗ୍ରାମର ରାଜମନ ଗଣ୍ଡ ଙ୍କ ଦୁଇ ଝିଅ ଏବଂ ବାଲସାଇ ଗଣ୍ଡ ଙ୍କ ଗୋଟିଏ ଝିଅ ତିନି ଜଣ ଘର ପାଖ ପୋଖରୀ କୁ ପ୍ରତିଦିନ ଭଳି ଆଜି ମଧ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିବା ଜଣା ପଡିଛି। ଆଜି ସକାଳ ପ୍ରାୟ ୧୧ ସମୟରେ ତିନି ଜଣ ସାଙ୍ଗ ହୋଇ ଘର ନିକଟରେ ଥିବା ପୋଖରୀ କୁ ଗାଧୋଇ ବାକୁ ଯାଇଥିଲେ। ପୋଖରୀ କୂଳରେ ପୋଷାକ ରଖି ପାଣି ଭିତରକୁ ଯାଇ ଆଉ ଫେରିନଥିଲେ, ପାଖରେ ଥିବା ଅନ୍ୟ ଜଣେ ଶିଶୁ ଘରକୁ ଆସି ଜଣାଇଲେ ପାଣିରେ ଯାଇ ତିନି ଝିଅ ଆଉ ଫେରି ନାହାନ୍ତି। ଏହାପରେ ଗ୍ରାମ ବାସି ପାଣି



ଭିତରୁ ତିନି ନାବାଳିକା ଙ୍କ ଶବ ଉଦ୍ଧାର କରି ଆଣିଥିଲେ ।ଘଟଣା ଘଟିବା ପରେ ସାରା ଅଞ୍ଚଳ ଶୋକାକୁଳ ହୋଇପଡ଼ିଥିଲା ।ସମସ୍ତଙ୍କ ଆଖିରେ ଲୁହ ।ବାହୁନି କାନ୍ଦୁଛନ୍ତି ପରିବାର ବନ୍ଧୁ ପରିଜନ ।ସତ ଧିକାର କରୁଛନ୍ତି ଭଗବାନ ଙ୍କ ଏଭଳି ଏକ କଠୋର ନିଷ୍ପତି କୁ ।ଖବର ପାଇଁ ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ଅଧିକ ତଦନ୍ତ କରୁଛନ୍ତି। ନବରଙ୍ଗପୁର ଜିଲ୍ଲା ରେ ନିତିଦିନ ଏଭଳି ଘଟଣା ଘଟୁଥିଲେ ମଧ କେହି ସଚେତନ ହେଉ ନାହାନ୍ତ। ବିଗତ ଦିନ ରେ ସେଇ ପାଖ ପଞ୍ଚାୟତ ର ତିନି ଶିଶୁ ମଧ ପାଣି ରେ ବୁଡି ମୃତ୍ୟୁ ମୁଖ ରେ ପଡ଼ିଥିଲେ। ଆଦିବାସୀ ବହୁଳ ଅପହଞ୍ଚ ଅଞ୍ଚଳ ରେ ପ୍ରାୟ ସମସ୍ତେ ଗାଧୋଇବା ପାଇଁ ହେଉ ଅବା ନିତ୍ୟକର୍ମ ପାଇଁ ଗାଁ ପୋଖରୀ ଉପରେ ନିର୍ଭର କରି ଥାନ୍ତି। ହେଲେ ଆଜି ର ସମୟ ଥିଲା ସେମାନଙ୍କ ପାଇଁ କାଳ କ୍ଷ ଅକାରଣେ ତିନି ଶିଶୁ ଙ୍କ ପାଣି ରେ ବୁଡି ମୃତ୍ୟୁ ଘଟଣା କୁ ସହଜ ରେ ଗ୍ରହଣ କରି ପାରୁ ନାହାନ୍ତି ଗ୍ରାମବାସୀ ।ମୃତ ସମସ୍ତ ଶିଶୁ ଙ୍କ ବୟସ ଚାରି ରୁ ପାଞ୍ଚ ବର୍ଷ ହୋଇଥିବା ବେଳେ କେଉଁ ପରିସ୍ଥିତି ରେ ସେମାନଙ୍କ ମୃତ୍ୟୁ ହୋଇଛି ତାର ଅଧିକ ତଦନ୍ତ କରୁଛି ପୋଲିସ ।ସମସ୍ତଙ୍କ ମୁହଁ ରେ ଗୋଟିଏ ହିଁ କଥା ଯେ ଭଗବାନ କାହାକୁ କେବେ ଏମିତି କଷ୍ଟ ନ ଦିଅନ୍ତୁ ଯେହେତୁ ଗୋଟିଏ ପରିବାର ର ଗୋଟିଏ ଗାଁ ର ତିନି ତିନିଟି ଶିଶୁ ଙ୍କ ମୃତ୍ୟୁ ଅତି ହୃଦୟ ବିଦାରକ ହୋଇଛି ।

# ବ୍ରେଡ୍ ଦହି ବରା

**ଆବଶ୍ୟକ ସାମଗ୍ରୀ:** ୪ ପିସ୍ ବ୍ରେଡ୍, ୩/୪ କପ୍ ଦହି, ଆବଶ୍ୟକ ଅନୁସାରେ ଧନିଆ ଚଟଣୀ, ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଆବଶ୍ୟକ ଅନୁସାରେ ତେନ୍ତୁଳି ଚଟଣୀ, ୧ ଛୋଟ ଚାମଚ ଚିନି, ୧ଛୋଟ ଚାମଚ ଆମଚୁର ପାଉଡର, ୧ ବଡ ଚାମଚ ଧନିଆ ପତ୍ର, ୨ଟି ସିଝା ଆଳୁ, ଆବଶ୍ୟକ ଅନୁସାରେ ଲୁଣ ଏବଂ ଆବଶ୍ୟକ ଅନୁସାରେ କଳା ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ଏକ ବଡ ପାତ୍ରରେ ସିଝା ଆଳୁକୁ ଦଳି ଦିଅନ୍ତୁ। ଏଥିରେ କଞ୍ଚା ଲଙ୍କା, ଆମଚୁର ପାଉଡର, କିଶମିସ, ଜିରା ଏବଂ ଲୁଣ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଆଉ ଏକ ପାତ୍ରରେ ଦହିରେ ଚିନି ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସିଝା ଆଳୁର ମିଶ୍ରଣକୁ ଗୋଲ ଗୋଲ ଆକର ଦେଇ ବ୍ରେଡ୍ ପିସରେ କଭର କରିଦିଅନ୍ତୁ। ଏହାପରେ ଏକ ଫ୍ରାଇଂ ପ୍ୟାନରେ ଅଳ୍ପ ଘିଅ ପକାଇ ଏହି ବ୍ରେଡ୍ ବରାଗୁଡିକୁ ଭାଜନ୍ତୁ। ଭାଜି ହୋଇସାରିବା ପରେ ପ୍ଲେଟକୁ ବାହାର କରି ସେଥିରେ ମିଠା ଦହି, ତେନ୍ତୁଳି ଚଟଣୀ, ଧନିଆ ଏବଂ ଜିରା ପାଉଡର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ପରେ ତା'ଉପରେ ଧନିଆ ପତ୍ର ଏବଂ କଳା ଲୁଣ ପକାଇ ପରଷନ୍ତୁ।



ଖବର

# ପୁଷ୍ପା ପରେ ଚର୍ଚ୍ଚାରେ 'ରାକା' ଫିଲ୍ମ




ଅଲ୍ଲୁ ଅର୍ଜୁନଙ୍କ ୪୪ତମ ଜନ୍ମଦିନ ଅବସରରେ ଫିଲ୍ମ 'ରାକା'ର ପ୍ରଥମ ପୋଷ୍ଟର ରିଲିଜ ହୋଇଥିଲା । ଯେଉଁଥିରେ ତାଙ୍କୁ ଭୟଙ୍କର ଏବଂ ଇଣ୍ଟ୍ରେଷ୍ଟିଂ ଲୁକରେ ନଜର ଆସିଛନ୍ତି । ପ୍ରଥମ ଥର ପାଇଁ ଅଲ୍ଲୁ ଅର୍ଜୁନଙ୍କୁ ଦୀପିକାଙ୍କ ସହିତ ଦେଖିବାକୁ ମିଳିଛି । ଯାହା ଫିଲ୍ମଟିକୁ ଆହୁରି ଖାସ୍ ବନାଇଛି ।ଆଟଲିଙ୍କ ଏହି ଫିଲ୍ମରେ ଦୀପିକା ପାଦୁକୋଣଙ୍କ ସହ ଅଲ୍ଲୁ ଅର୍ଜୁନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଏହି ପ୍ରୋଜେକ୍ଟଟି ଇଇ୨୨ଘଇ୬ ନାଁରେ ଥିଲା ।ଯାହାକୁ ଏବେ 'ରାକା' ଟାଇଟଲ ମିଳିଯାଇଛି । ଏଥିସହ ସନ୍ ପିକ୍‌ଚର୍ସର ଅଫିସିଆଲ୍ ଇନଷ୍ଟାଗ୍ରାମ୍ ପେଜରେ ପୋଷ୍ଟରଟି ସେୟାର କରି ର୍ନିମାତା ଲେଖିଛନ୍ତି ଯେ, ଏବେ ରାକା । ନିଜକୁ ଏପରି ଏକ ଦୁନିଆଁ ପାଇଁ ପ୍ରସ୍ତୁତ କରୁଛି ଯାହା ସବୁ ସୀମା ଉପରେ ରହିଛି । ଯାହା ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏହା ପୋଷ୍ଟ ହେବାର କିଛି ସମୟ ମଧ୍ୟରେ ୨୫୨,୦୦୦ ରୁ ଅଧିକ ଲାଇକ୍ ଏବଂ ୮,୦୦୦ ରୁ ଅଧିକ କମେଣ୍ଟସ୍ ମିଳିଥିଲା ।ରିଲିଜ ହୋଇଥିବା ଏହି ପୋଷ୍ଟରରେ ଅଲ୍ଲୁ ଅର୍ଜନଙ୍କ କ୍ଲୋଜ୍ ଅପ୍ ଲୁକ୍ ଦେଖିବାକୁ ମିଳିଛି ।ଯେଉଁଥିରେ ଅଲ୍ଲୁ ଆର୍ଜୁନଙ୍କ କେଶ ଅଧା ଅଧା ହୋଇଥିବାବେଳେ ବଡ଼ ବଡ଼ ନଖ ସହିତ ସେ ଗୋଟିଏ ପଶୁ ଗେଟଅପରେ ନଜର ଆସିଛନ୍ତି । ବିଶେଷ କରି ଅଭିନେତାଙ୍କ ଲୁକ୍ ତାଙ୍କ ଚରିତ୍ରକୁ ଆହୁରି ରହସ୍ୟମୟ କରୁଛି । ପୁଷ୍ପା ଫିଲ୍ମ ପରେ ତାଙ୍କର ଏହି ଫିଲ୍ମ ଚହଳ ସୃଷ୍ଟି କରୁଛି । ହେଲେ ଫିଲ୍ମ ରିଲିଜ ଡେଟ୍ ଏପର୍ଯ୍ୟନ୍ତ ଜଣାପଡିନାହିଁ । ୨୦୨୭ ମସିହାରେ ଏହି ଫିଲ୍ମ ସିନେମା ହଲରେ ଆସିପାରେ ବୋଲି ଅନୁମାନ କରାଯାଉଛି ।

# ସୁସ୍ଥ ମାଢ଼ି ସୁସ୍ଥ ମୁଖ

ମୁଖ ପରିଚ୍ଛନ୍ନତା କଥା ଉଠିଲେ ସାଧାରଣତଃ ଦାନ୍ତ ହିଁ ଦୃଷ୍ଟି ଆକର୍ଷଣ କରିଥାଏ। ତେବେ ପାଟିର ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମାଢ଼ିୟ ତେଣୁ ତା' ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଦନ୍ତ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ଆମର ମାଢ଼ି କେବଳ ଆମ ଦାନ୍ତକୁ ଘେରି ରହିଥିବା ଗୋଲାପୀ ତନ୍ତୁ ନୁହେଁ, ଏହା ଏକ ଜୀବନ୍ତ ଓ ଶ୍ୱାସକ୍ରିୟାଶୀଳ ଗଠନ। ମାଢ଼ି ଦାନ୍ତର ମୂଳ ଏବଂ ଦାନ୍ତକୁ ଠିକ୍ ସ୍ଥାନରେ ଧରି ରଖୁଥିବା ହାଡ଼କୁ ସୁରକ୍ଷା ଦିଏୟ ସୁସ୍ଥ ମାଢ଼ି ଦାନ୍ତ ଚାରିପାଖରେ ଏକ ସଙ୍କୁଚିତ ଆବରଣ ସୃଷ୍ଟି କରେ, ଯାହା ଜୀବାଣୁ ଏବଂ ଖାଦ୍ୟ କଣିକାଗୁଡ଼ିକୁ ଚର୍ମ ଅଭ୍ୟନ୍ତରକୁ ଯିବାରୁ ରୋକିଥାଏ ଏବଂ ସମଗ୍ର ଦାନ୍ତ ସ୍ୱାସ୍ଥ୍ୟକୁ ଅକ୍ଷୁଣ୍ଣ ରଖିଥାଏ। ଅଧିକାଂଶ ଲୋକ ସାଧାରଣତଃ ଦାନ୍ତ ଘଷିବା ସମୟରେ ରକ୍ତସ୍ରାବ, ଫୁଲା, ସମ୍ବେଦନଶୀଳତା, କିମ୍ବା ଲଗାତାର ଦୁର୍ଗନ୍ଧ ହେଲା ଭଳି ଅସ୍ୱସ୍ତି ଲାଗିଲେ ହିଁ ମାଢ଼ି ପ୍ରତି ଧ୍ୟାନ ଦେବା ଆରମ୍ଭ କରନ୍ତି। ପାଟି ଶରୀରର ଅନ୍ୟାନ୍ୟ ଅଂଶକୁ ଯିବାର ପ୍ରବେଶ ପଥ, ଏବଂ ମାଢ଼ିରେ ପ୍ରଦାହ କିମ୍ବା ସଂକ୍ରମଣ ଅନ୍ୟ ଅଙ୍ଗରେ ପ୍ରଭାବ ପକାଇପାରେ। ଏହା ଜିଞ୍ଜିଭାଇଟିସ୍ ଓ ପିରିଓଡୋଣ୍ଟାଇଟିସ୍ ଭଳି ମାଢ଼ି ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଖରାପ ମାଢ଼ି ସ୍ୱାସ୍ଥ୍ୟ ହୃଦ୍ରୋଗ, ମଧୁମେହ, ଶ୍ୱାସକ୍ରିୟା ରୋଗ ଓ ଗର୍ଭାବସ୍ଥାରେ ଜଟିଳତା ଭଳି ରୋଗର ଆଶଙ୍କା ବଢ଼ାଇପାରେ। ମାଢ଼ି ରୋଗର ଉପସ୍ଥିତି ମଧୁମେହ ରୋଗୀଙ୍କ ପାଇଁ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା କଷ୍ଟକର କରିପାରେ ବୋଲି କୁହାଯାଏ। ସେହିପରି ଅସ୍ୱାସ୍ଥ୍ୟକର ମାଢ଼ିରେ ବଢୁଥିବା ଜୀବାଣୁ ରକ୍ତପ୍ରବାହରେ ପ୍ରବେଶ କରି ହୃଦ୍ରୋଗ ସମସ୍ୟା ସୃଷ୍ଟି କରିପାରନ୍ତି। ଜିଞ୍ଜିଭାଇଟିସ୍ ଭାବରେ ଆରମ୍ଭ ହେଉଥିବା ରୋଗକୁ ଅଣଦେଖା କଲେ ତାହା ପିରିଓଡୋଣ୍ଟାଇଟିସ୍ରେ ପରିଣତ ହୋଇପାରେ, ଯାହା ଦାନ୍ତ କ୍ଷୟ, ହାଡ଼ ଓ ସଂଯୋଜକ ଟିସୁକୁ କ୍ଷତି ପହଞ୍ଚାଉଥିବା ଏକ ଦୀର୍ଘକାଳୀନ ରୋଗ ।ଦାନ୍ତ ଘଷିବା କି କୁଳୁକୁଚା କରିବା ସମୟରେ ସାମାନ୍ୟ ରକ୍ତସ୍ରାବ, ଲାଲ ପଡ଼ିଥିବା କିମ୍ବା ଫୁଲିଯାଇଥିବା ମାଢ଼ି ଟିସୁ, କୋମଳତା ଏବଂ ଲଗାତାର ଦୁର୍ଗନ୍ଧ ମାଢ଼ି ରୋଗର ସଂକେତ। ସାହାଡ଼ା, ନିମ ଓ ଡାଳିମ୍ବ ଭଳି ପାରମ୍ପରିକ ଔଷଧି ମାଢ଼ି ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି।

# କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?

ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚାଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚାଲନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ



ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧର୍ନୁଚାଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ଭରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚର୍ଯ୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରି ପାରି ନଥାନ୍ତ। ବ୍ରାହ୍ମଣମାନେ ଖୁବ୍ ସୂକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବନାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧର୍ନୁଚାଳନା ଭୁଲିଯିବ। ସେମିତି ହିଁ ହେଲା ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

# କାମାଶ୍ରମର ନାମକରଣ



ଦଶରଥଙ୍କଠାରୁ ଅନୁମତି ପାଇଁ ଋଷି ବିଶ୍ୱାମିତ୍ରଙ୍କ ସହ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଯାତ୍ରା କଲେ । ଏହିପରି ଯାଉ ଯାଉ ପଥ ମଧ୍ୟରେ ଏକ ଆଶ୍ରମ ପଡ଼ିଲା । ସେହି ସମୟକୁ ସନ୍ଧ୍ୟା ଆଗତପ୍ରାୟ । କୁମାରଦ୍ୱୟ ପାଦରେ ଚାଲି ଚାଲି ପଥଶ୍ରାନ୍ତ ହୋଇଥିବେ ମନେ କରି ବିଶ୍ୱାମିତ୍ର ସେହି ଆଶ୍ରମ ମଧ୍ୟକୁ ପ୍ରବେଶ କଲେ ଏବଂ କୁମାରଦ୍ୱୟଙ୍କୁ ତାଙ୍କ ପଛରେ ଆସିବାକୁ ନିର୍ଦ୍ଦେଶ ଦେଲେ । ବିଶ୍ୱାମିତ୍ର ଯେଉଁ ଆଶ୍ରମରେ ବିଶ୍ରାମ ନେଲେ, ସେହି ଆଶ୍ରମର ଋଷି ଓ ଶିଷ୍ୟମାନେ ଆସି ବିଶ୍ୱାମିତ୍ରଙ୍କୁ ବହୁତ୍ ସମାଦନ ସହକାରେ ଗ୍ରହଣ କଲେ । ବିଶ୍ୱାମିତ୍ର ଅଯୋଧ୍ୟାର ରାଜକୁମାରଙ୍କ ପରିଚୟ ସେହି ଆଶ୍ରମବାସୀଙ୍କୁ ଜଣାଇଲେ । ଆଶ୍ରମବାସୀ ରାମ ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦ ଅନୁଭବ କଲେ । ବିଶ୍ୱାମିତ୍ର ଓ ରାଜକୁମାରଦ୍ୱୟଙ୍କୁ ସ୍ୱାଦିଷ୍ଟ ଫଳମୂଳ ଦ୍ୱାରା ସତ୍କାର କଲେ ଏବଂ ରାତ୍ରରେ ଶୟନ ପାଇଁ କୋମଳପତ୍ର ବିଛଣା ପ୍ରସ୍ତୁତ କରିଦେଲେ । ଶୟନ ସମୟରେ ରାମ ଲକ୍ଷ୍ମଣ ଗୁରୁଙ୍କ ପଦସେବା କରିବା ସମୟରେ ରାମ କହିଲେ, ଗୁରୁଦେବ ! ଏହି ଆଶ୍ରମର ନାମ କ'ଣ ଦୟାକରି ଜଣାନ୍ତୁ । ବିଶ୍ୱାମିତ୍ର କହିଲେ, ବତ୍ସ !ଏହି ଆଶ୍ରମର ନାମ ହେଉଛି 'କାମାଶ୍ରମ' । ଏହି ସ୍ଥାନରେ ଭଗବାନ ଶଙ୍କର ତପସ୍ୟା କରୁଥିଲେ । ସ୍ୱର୍ଗରୁ ନରକାସୁର ଉତ୍ପାତ ଆରମ୍ଭ କରିଦେଲା । ଭଗବାନ ଶଙ୍କରଙ୍କର ଶକ୍ତି ନ ହେଲେ ସେହି ଦାନବର ମୃତ୍ୟୁ ହେବ ନାହିଁ । ତେଣୁ ଦେବରାଜ ଇନ୍ଦ୍ର ଭଗବାନ ଶଙ୍କର ତପଃ ଭଗ୍ନ ପାଇଁ କାମଦେବକୁ ସେହି ସ୍ଥାନକୁ ପଠାଇଥିଲେ । ସେଠାରେ କାମଦେବ ଫୁଲଶର ମାରି ପ୍ରଭୁଙ୍କ ତପ ଭଗ୍ନ କରିଥିଲେ । କାମଦେବ ଭଷ୍ମ ହୋଇଯିବା ପରେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଦେବଗଣ ଦେବୀ ପାର୍ବତୀଙ୍କୁ ସହାୟତାରେ ମହଦେଙ୍କ ନିୟମନ୍ତ୍ରଣ କଲେ। ଏହାଦ୍ୱାରା କାର୍ତ୍ତିକେୟ ଜନ୍ମ ନେଲେ। କାର୍ତ୍ତିକେୟ ନରକାସୁରକୁ ସଂହାର କଲେ। କାମଦେବଙ୍କ ପତ୍ନୀ ରତି ଦେବୀ ବିଳାପ କଲେ ଓ ଶିବଙ୍କୁ ପୂଜା କଲେ । ଭଗବାନ ଶିବ ସନ୍ତୁଷ୍ଟ ହୋଇ ଏହି ଆଶ୍ରମ ତିଆରି କରିଦେଲେ । ରତି ସେହିଦିନରୁ ଏହି ଆଶ୍ରମରେ ଅଛନ୍ତି । ଏହି ଆଶ୍ରମର ନାମ ସେଥିଯୋଗୁଁ କାମଦେବଙ୍କ ନାମରେ କାମାଶ୍ରମ ହୋଇଛି । ବିଶ୍ୱାମିତ୍ର କହିଲେ ହେ ରାମ / ରାତ୍ରି ଗଭୀର ହେଲା । ଏବେ ବିଶ୍ରାମ ନିଅ, କାଲି ବହୁତ୍ ଦୂରପଥ ଯାତ୍ରା କରିବାକୁ ହେବ। ରାମଲକ୍ଷ୍ମଣ ଗୁରୁଙ୍କ ନିର୍ଦ୍ଦେଶନୁସାରେ ବିଶ୍ରାମ ନେଲେ ।

# ପଇଡ଼ ପାଣିର ଔଷଧୀୟ ଗୁଣ

ଆପଣ ପଇଡ଼ ପାଣି ପିଇବାର ଅଭ୍ୟାସ ରଖିଛନ୍ତି ତ? ଯଦି ରଖିନାହାନ୍ତି ତେବେ ତୁରନ୍ତ ଅଭ୍ୟାସ କରନ୍ତୁ। ସଂସାରରେ ଯେତେ ପ୍ରକାରର ପାନୀୟ ରହିଛି ସବୁଠାରୁ ଉତ୍ତମ ହେଉଛି



ପଇଡ଼ପାଣି। ଏହାକୁ ପିଇବା ଦ୍ୱାରା ପେଟ ରୋଗ ଜନୀତ ଅନେକ ସମସ୍ୟାର ସମାଧାନ କରାଯାଇପାରେ। ଗୋଟିଏ ପଇଡ଼ରେ ମାତ୍ର ୪ ପ୍ରତିଶତ ଫଳ ଓ ୯୪ ପ୍ରତିଶତ ଜଳ ଭାଗ ଥାଏ। ଏଥିରେ କାର୍ବସ, ଫାଇବର୍, ପ୍ରୋଟିନ୍, ଭିଟାମିନ୍, ମ୍ୟାଗ୍ନେସିୟମ୍, ମାଗାନିଜ୍, ପଟାସିୟମ, ସୋଡିୟମ୍ ଓ କ୍ୟାଲସିୟମ୍ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ୍ ବି ରହିଛି। ପଇଡ଼ରେ ମଧୁମେହ ରୋଗ ସହ ଲଢ଼ିପାରିବାର ଶକ୍ତି ରହିଛି। ରୀତିମତ ପଇଡ଼ ପାଣି ପିଇଲେ ମଧୁମେହକୁ ଆୟତ୍ତରେ ରଖାଯାଇ ପାରେ। ଏହା ରକ୍ତରେ ଶର୍କରା ଭାଗକୁ ଆୟତ୍ତରେ ରଖେ। କେବଳ ମଧୁମେହ ନୁହେଁ, କିଡନିଜନୀତ ରୋଗ ପାଇଁ ମଧ ଏହା ଖୁବ୍ ଉପକାରୀ। ନିୟମିତ ପଇଡ଼ ପିଇଲେ କିଡନୀ ସୁସ୍ଥ ରହେ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହୃଦ୍ରୋଗୀମାନଙ୍କ ପାଇଁ ମଧ ପଇଡ଼ ପାଣି ଖୁବ୍ ଉପକାରୀ। ପଇଡ଼ ପିଇଲେ ହୃଦ୍‌ରୋତ ହେବାର ସମ୍ଭାବନା କମ୍ ରହିଥାଏ। ରକ୍ତଚାପ ପାଇଁ ମଧ ପଇଡ଼ ପାଣି ଅବ୍ୟର୍ଥ ଔଷଧ ଭାବେ କାର୍ଯ୍ୟ କରେ। ବିପି ରୋଗୀ ନିୟମିତ ପଇଡ଼ ପାଣି ପିଇଲେ ଭଲ। ପରିସ୍ରା ସଂକ୍ରମଣ, ପେଟ ଗରମ, କାଶ ଆଦି ଅନେକ ରୋଗକୁ ପଇଡ଼ ପାଣି ପିଇବା ଦ୍ୱାରା ଆୟତ୍ତ□ କରାଯାଇ ପାରେ। ତେବେ ଆପଣ ଏଭଳି ଉପକାରୀ ପାନୀୟକୁ ନିଶ୍ଚୟ ପିଅନ୍ତୁ।

# ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର,୮।୪ (ମହାଭାରତ):** ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫-୨୬ ବର୍ଷର କାର୍ଯ୍ୟର ସଫଳତା ଏବଂ ୨୦୨୬-୨୭ ବର୍ଷ ପାଇଁ ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ବୈଠକ ଆରମ୍ଭରେ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ ବିଭାଗୀୟ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୮୯.୪୫ ପ୍ରତିଶତ ଅର୍ଥ ବିନିଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ୮ମ ସ୍ଥାନରେ ଥିବା ବେଳେ, ନୂତନ ଜ୍ଞାନକୌଶଳ ଓ ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ମାନ୍ୟବର ମନ୍ତ୍ରୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ।

ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖିବା ସହିତ ଚଳିତ ବର୍ଷରେ ନିଜ ପ୍ରଦର୍ଶନକୁ ନିଜେ ଅତିକ୍ରମ କରିବା ପାଇଁ ଅଧିକ ସଂକଳ୍ପ ଓ ପ୍ରୟାସ ସହ କାମ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତ ପ୍ରକାଶ କରିଥିଲେ। ସମୟର ଉପଯୁକ୍ତ ବ୍ୟବହାର ଏବଂ ବିଭାଗୀୟ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ଷା ଦିନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଉ , ଯେପରି ବର୍ଷା ଛାଡ଼ିବା ମାତ୍ରେ କାମ ଦ୍ରୁତ ଗତିରେ ଆରମ୍ଭ ହୋଇପାରିବ। ଏହି ବୈଠକରେ 'ମିଶନ ପାୱାର' ମାଧ୍ୟମରେ ଅପହଞ୍ଚ ଗାଁଗୁଡ଼ିକୁ ପକ୍କା ରାସ୍ତାରେ ଯୋଡ଼ିବା ପାଇଁ ଆଲୋଚନା ମଧ୍ୟ କରାଯାଇଛି। କେଉଁ ଜିଲ୍ଲାରେ କେତେ 'ଅନକନେକ୍ଟେଡ୍ ହାବିଟେସନ୍' ରହିଛି ତାହାର ସବିସ୍ତୃତ ସମୀକ୍ଷା କରାଯାଇଛି ଏବଂ ଲକ୍ଷ୍ୟ ହାସଲ ପାଇଁ ସମୟସୀମା ମଧ୍ୟ ନିର୍ଦ୍ଧାରିତ କରାଯାଇଛି। ଆଗାମୀ ମାସଗୁଡ଼ିକରେ ସଂଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




ଏହା ସହିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଛି। ବୈଠକରେ ରାଜ୍ୟର ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ନୂତନ ରାସ୍ତା ନିର୍ମାଣ ଭଳି ପୁରୁଣା ରାସ୍ତାର ମରାମତି ଓ ସୁଦୃଢ଼ିକରଣ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଉନ୍ନତ ଭିତ୍ତିଭୂମି ହିଁ ସରକାରଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ମଜବୁତ କରିଥାଏ। ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସର୍ବେଶ୍ୱର ସିଂହ ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ପ୍ରଦୀପ କୁମାର ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତିରେ ରାଜ୍ୟର ସମସ୍ତ ସର୍କଲ ଏବଂ ଡିଭିଜନ ହେଡ ନିଜ ନିଜ ଅଞ୍ଚଳର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ଗ୍ୟାସ୍ ସଙ୍କଟ ସମାଧାନ ଦାବିରେ ବିକ୍ଷୋଭ

**ଭୁବନେଶ୍ୱର,୮।୪ (ମହାଭାରତ):** ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତିରେ ଜାଳେଣି ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଯୋଗାଣ ମନ୍ତ୍ରୀ ଜାଳେଣି ଗ୍ୟାସର ସଙ୍କଟ ନାହିଁ ବୋଲି ବାରମ୍ବାର ବୟାନବାଜି କରୁଛନ୍ତି। ଜାଳେଣି ଗ୍ୟାସ ବୁକିଙ୍ଗ ପାଇଁ ୨୪ ଦିନ ଧାର୍ଯ୍ୟ କଲେବି ଗ୍ୟାସ୍ ମିଳୁନାହିଁ। ୫ଲିଟର ବାଲା ଟାଙ୍କି ଖୋଲାବଜାରରେ ମିଳୁନଥିବାରୁ ରାସ୍ତାକଡ ଜଳଖିଆ ଦୋକାନୀ, ମେସରେ ରହୁଥିବା ଛାତ୍ରୀଛାତ୍ରୀ ଓ ଶ୍ରମିକ ନିର୍ଭରଶୀଳ ଥିବାବେଳେ ଏବେ ଓଡ଼ିଶା ସରକାର ଏଥିପାଇଁ ସ୍ଥାୟୀ ବାସସ୍ଥାନ ପ୍ରମାଣପତ୍ର, ବାର୍ଷିକ ଆୟ ପ୍ରମାଣପତ୍ର ଓ ପରିଚୟ ପତ୍ର ଧରି ଧାଡିରେ ଛିଡା ହେଲେ ହିଁ ଗ୍ୟାସ ମିଳିବ ବୋଲି ସର୍ତ୍ତ ରଖିଥିବାରୁ ଏହା ପରିସ୍ଥିତିକୁ ଅତି ଜଟିଳ କରାଇଛି। ପାଠ ପଢୁଥିବା ପିଲାମାନେ ଧାଡିରେ ଛିଡ଼ା ହୋଇ ଗ୍ୟାସ୍ କିଣିବେ ନା ପାଠ ପଢ଼ିବେ? ଓଡ଼ିଶା ସରକାରଙ୍କ ବିପର୍ଯ୍ୟସ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥା କଳାବଜାରକୁ ପ୍ରୋତ୍ସାହନ ଦେଇ ପଶ୍ଚିମବଙ୍ଗ ଓ ଆସାମ ନିର୍ବାଚନ ପାଇଁ ବିଜେପି ଗ୍ୟାସ କଳାବଜାରୀଙ୍କଠାରୁ ଚାନ୍ଦା ନେବା ପାଇଁ ରାଜ୍ୟର ଲକ୍ଷଲକ୍ଷ ଗ୍ରାହକଙ୍କୁ ଲୁଣ୍ଠନ କରୁଛନ୍ତି ବୋଲ ସିପିଆଇ ଓ ବିକେଏମ୍ୟୁ ପକ୍ଷରୁ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ କରି ଅଭିଯୋଗ କରାଯାଇଛି। ଆଜି ସିପିଆଇ କାର୍ଯ୍ୟାଳୟରୁ ସିପିଆଇର ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ବିକେଏମ୍ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ଭୁବନେଶ୍ୱର ଜୋନ୍ ସମ୍ପାଦକ କୈଳାସ ପୁହାଣ, ଦୁଃଖିଶ୍ୟାମ ବେହେରା, ଜୋନ୍ ସହ ସମ୍ପାଦକ ଶରତ ସ୍ୱାଇଁ, ନାରୀ ନେତ୍ରୀ ସୁଷମା ଭୋଇ, ବଳରାମ ଜାଲି, ଅଶୋକ ବାରିକ, ମୁରଲୀ ଭୋଇ, ମାନସ ସାହୁ, ଧନେଶ୍ୱର ଦାସ, ନରହରି ପ୍ରଧାନ, ଜି. କୈଳାସ ପ୍ରମୁଖ ଏହି ପ୍ରତିବାଦରେ ଯୋଗ ଦେଇ କ୍ଷୋଭ ପ୍ରକାଶ କରିଥିଲେ।




# ସମ୍ଭାବୀ ସୁରୁଚିର ଶୁଭାରମ୍ଭ

**ଭୁବନେଶ୍ୱର,୮।୪ (ମହାଭାରତ):** ହମାରା ବଚ୍‌ପନ ଟ୍ରଷ୍ଟ ଭୁବନେଶ୍ୱର କନ୍ଧ ସାହିଠାରେ ସଫଳତାର ସହିତ ଏହାର ସାମାଜିକ ଉଦ୍ୟୋଗ 'ସମ୍ଭାବୀ ସୁରୁଚି: ସ୍ୱାଦ ଓ ସ୍ୱାବଲମ୍ବନ"ର ଶୁଭାରମ୍ଭ କରିଛି। ଏହି ପ୍ରୟାସ ମହିଳା ରାସ୍ତାକଡ ଖାଦ୍ୟ ବିକ୍ରେତାଙ୍କ ପାଇଁ ନିରାପଦ, ସ୍ୱାସ୍ଥ୍ୟପ୍ରଦ ଏବଂ ଗୁଣାତ୍ମକ ଖାଦ୍ୟ ଅଭ୍ୟାସଗୁଡିକ ପ୍ରୋତ୍ସାହିତ କରିତଥା ସେମାନଙ୍କର ଜୀବିକାକୁ ସୁଦୃଢ କରି ସେମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏହି ସିଏସ୍‌ଆର-ସମର୍ଥିତ ପ୍ରୟାସକୁ ଡାଇଭର୍ସିଫାଏଡ ଏନର୍ଜି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ (ଡିଇଏସ୍‌ପିଏଲ) ସମର୍ଥନ ଯୋଗାଇ ଦେଉଛି। ସୁରୁଚି ଉଦ୍ୟୋଗ ମହିଳା କ୍ଷୁଦ୍ର ଖାଦ୍ୟ ବିକ୍ରେତାଙ୍କୁ ସମର୍ଥନ ଯୋଗାଇଚଦେଇ ସେମାନଙ୍କୁ ଅସଂଗଠିତ କ୍ଷେତ୍ରରୁ ଇଜ୍ଜତଦାର, ଦୀର୍ଘସ୍ଥାୟୀ ଏବଂ ସଂଗଠିତ ଜୀବିକା ଉପାର୍ଜନ ଆଡକୁ ରୂପାନ୍ତରଣ କରିବା ନିମନ୍ତେ ଡିଜାଇନ କରାଯାଇଛି। ଏହା ଆୟକାରୀ ସୁଯୋଗରେ ଉନ୍ନତି ଆଣିବା ଏବଂ ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି ଘଟାଇବା ସକାଶେ ସାମର୍ଥ୍ୟ ନିର୍ମାଣ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗୀକରଣକୁ ସୁଗମ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଛି।

ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ମହିଳା ରାସ୍ତାକଡ ଖାଦ୍ୟ ବିକ୍ରେତାଙ୍କୁ ଏହି ପ୍ରୟାସ ଅଧୀନରେ ସାମିଲ କରାଯାଇଥିଲା। ସେମାନଙ୍କୁ ସମ୍ଭାବୀ ସୁରୁଚି ଅଧୀନରେ ପଞ୍ଜିକୃତ କରାଯିବା ସହିତ ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟକର ମାନକ ଏବଂ ଉନ୍ନତ ବ୍ୟବସାୟିକ କାର୍ଯ୍ୟାଭ୍ୟାସ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଅଂଶଭାବରେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଏବଂ ସେବାର ମାନ ବଜାୟ ରଖିବା ଦିଗରେ ସହାୟତା କରିବାକୁ ଅତ୍ୟାବଶ୍ୟକ ସମର୍ଥନକାରୀ କିଟ୍ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାସ୍ତାକଡ ଖାଦ୍ୟ ବିକ୍ରେତାଙ୍କର ପଞ୍ଜିକରଣ, ସଚେତନତା ଏବଂ ତାଲିମ ପ୍ରଦାନକାରୀ ଅଧିବେଶନ, କିଟ୍ ଆବଣ୍ଟନ ଏବଂ ବ୍ୟବସାୟିକ ପରିଦୃଶ୍ୟତାରେ ଉନ୍ନତି ଆଣିବା ତଥା ଗ୍ରାହକ ନିୟୋଜନତା ଉପରେ ପାରସ୍ପରିକ ଆଲୋଚନାମାନ ସାମିଲ ରହିଥିଲା।

# ମିଶନ ଶକ୍ତି ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ

**ଭୁବନେଶ୍ୱର,୮।୪ (ମହାଭାରତ):** ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ମିଶନ ଶକ୍ତି ପକ୍ଷରୁ ପ୍ରଥମ ଥର ପାଇଁ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜାତୀୟ ମହିଳା କମିଶନର (ଏନସିଡବ୍ଲ୍ୟୁ) ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ମହିଳା ସଶକ୍ତିକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କର ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ବିଚରଣ କରିପାରିବେ ଏବଂ ନିର୍ଭୟରେ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ। ଏଥିସହ ଏନସିଡବ୍ଲ୍ୟୁ ଅଧ୍ୟକ୍ଷା ଶ୍ରୀମତୀ ରାହତକର କହିଥିଲେ ଯେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ। ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲା ଯଥା- ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଏବଂ ଗଞ୍ଜାମର ୫,୦୦୦ ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ ଏବଂ ଅତିରିକ୍ତ ଶାସନ ସଚିବ ଶ୍ରୀ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମହିଳାଙ୍କ ନେତୃତ୍ୱରେ ବିକାଶର ନୂଆ ପର୍ଯ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ।




# ଆଇଏଏସ୍ ପ୍ରୋବେସନାରୀ ଅଧିକାରୀ ବିକାଶମୂଳକ କାର୍ଯ୍ୟକ୍ରମର କ୍ଷେତ୍ର ପରିଦର୍ଶନ

**ଭୁବନେଶ୍ୱର,୮।୪ (ମହାଭାରତ):** ପ୍ରଶାସନିକ ପ୍ରଶିକ୍ଷଣ ଏବଂ ସମୀକ୍ଷା କାର୍ଯ୍ୟକ୍ରମର ଅଂଶସ୍ୱରୂପ, ଭାରତୀୟ ପ୍ରଶାସନିକ ସେବା ପ୍ରୋବେସନାରୀ ଅଧିକାରୀମାନେ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଆୟୋଜିତ ଏକ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ବୈଠକରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରୋବେସନାରୀ ଅଧିକାରୀମାନେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭାଗର ପ୍ରମୁଖ ସଫଳତା, ଗୁରୁତ୍ୱପୂର୍ଣ୍ଣ ଯୋଜନା ଏବଂ ବିଭିନ୍ନ ପ୍ରାଥମିକତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅଧିବେଶନ ଜରିଆରେ ଅଧିକାରୀମାନେ ସହରାଂଚଳ ସେବା ପ୍ରଦାନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଗଭୀର ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ।ଏହି ମତ ବିନିମୟ କାର୍ଯ୍ୟକ୍ରମ ପ୍ରଶାସନିକ ସମନ୍ୱୟ, କାର୍ଯ୍ୟକ୍ରମର ରୂପାୟନ ଏବଂ ସହରାଂଚଳ ବିକାଶ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକୁ ବୁଝିବାରେ ସହାୟକ ହୋଇଥିଲା।

ଏହାପରେ ଅଧିକାରୀମାନେ ବୁଦ୍ଧ ବିହାର ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଚାଲିଥିବା ସୁଲଭ ଗୃହ ପ୍ରକଳ୍ପଗୁଡ଼ିକର କ୍ଷେତ୍ର ଅନୁଧ୍ୟାନ କରିଥିଲେ। ସେଠାରେ ସେମାନେ ହିତାଧିକାରୀ-କୈନ୍ଦ୍ରିକ ପଦକ୍ଷେପ ଏବଂ ଜଳବାୟୁ ଅନୁକୂଳ ନିର୍ମାଣ ଶୈଳୀ ସମ୍ପର୍କରେ ଅବଗତ ହୋଇଥିଲେ। ଅଧିକାରୀମାନେ ଓଡ଼ିଶା ଅର୍ବାନ ଏକାଡେମୀ, ମଳ ପଙ୍କ ପରିଚାଳନା ପ୍ଲାଂଟ ଏବଂ ଜଳ ବିଶୋଧନ ପ୍ଲାଂଟ ମଧ୍ୟ ପରିଦର୍ଶନ କରିଥିଲେ। ସେଠାରେ ବିଭାଗୀୟ ଅଧିକାରୀମାନେ ସହରାଂଚଳ ପରିମଳ ବ୍ୟବସ୍ଥା ଏବଂ ଜଳ ଯୋଗାଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବିଶୋଧନ ପ୍ରକ୍ରିୟା, ପରିଚାଳନା କୌଶଳ ଏବଂ ସେବା ପ୍ରଦାନର ଭିତ୍ତିଭୂମି ସମ୍ପର୍କରେ ମଧ୍ୟ ଅଧିକାରୀମାନେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଥିଲେ।ସାମଗ୍ରିକ ଭାବେ, ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଇଏଏସ୍ ପ୍ରୋବେସନାରୀ ଅଧିକାରୀମାନଙ୍କୁ ସହରାଂଚଳ ଶାସନ, ଭିତିଭୂମି ବିକାଶ ଏବଂ ସାଧାରଣ ସେବା ପ୍ରଦାନ ବ୍ୟବସ୍ଥା ବିଷୟରେ ବାସ୍ତବିକ ଜ୍ଞାନ ପ୍ରଦାନ କରିବା, ଯାହା ସେମାନଙ୍କୁ ଆଗାମୀ ଦିନରେ ଦକ୍ଷତାର ସହ ପ୍ରଶାସନିକ ଦାୟିତ୍ୱ ତୁଲାଇବାରେ ସହାୟକ ହେବ।



# ୧୨ ନଂ ୱାର୍ଡ ପାତ୍ରସାହି ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୮।୪ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ପାତ୍ରସାହି ରାସ୍ତା କାର୍ଯ୍ୟର ଭି□ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉ□ର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ରାସ୍ତା କାର୍ଯ୍ୟ ୬ ମାସ ଭିତରେ ଶେଷ କରାଯିବ ବୋଲି ୧୨ ନମ୍ବର ଓାର୍ଡ କର୍ପୋରେଟର ଜୟନ୍ତୀ ସାହୁ କହିଛନ୍ତି। ଏହି ରାସ୍ତାଟି ଦୀର୍ଘ ଦିନ ହେବ ଅବହେଳିତ ଅବସ୍ଥାରେ ପଡି ରହିଥିଲା। ମୁଣ୍ଡାସାହି ଲୋକମାନେ ଯାତାୟାତ କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ଏନେଇ କର୍ପୋରେଟର ବାରମ୍ବାର ମେୟର ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ସହରୀ ବିକାଶ ଯୋଜନା ମାଧ୍ୟମରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଶ୍ରୀମତୀ ସାହୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପାତ୍ରସାହିର ସମସ୍ତ ବରିଷ୍ଠ ନାଗରିକ, ଯୁବକ, ମହିଳାମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ଯୁବ ସମାଜସେବୀ ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



# ଓଡ଼ିଶା ପୋଲିସ ପକ୍ଷରୁ ପେନସନ, ଜିପିଏଫ ଅଦାଲତ

**ଭୁବନେଶ୍ୱର,୮।୪ (ମହାଭାରତ):** ଓଡ଼ିଶା ପୋଲିସ ପକ୍ଷରୁ ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିୟନ ପରିସରରେ ଅକାଉଂଟାଂଟ ଜେନେରାଲ, ଓଡ଼ିଶା, ଭୁବନେଶ୍ୱର ଓ ଓଡ଼ିଶା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ପେନସନ ଏବଂ ଜିପିଏଫ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର ପୋଲିସ ବିଭାଗର ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପେନସନ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା।

ଏହି ଅଦାଲତରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଗ୍ରାଚୁଇଟି, ଜି.ପି.ଏଫ୍., ପରିବାର ପେନସନ ଏବଂ ଅନ୍ୟାନ୍ୟ ଆର୍ଥିକ ସମସ୍ୟା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ପ୍ରାଥମିକତା ଭିତିରେ ଶୁଣାଣି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶ୍ରୀ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଉଦଘାଟନ କରିବା ସହ ଓଡ଼ିଶା ପୋଲିସ କର୍ମଚାରୀମାନଙ୍କ ପାଇଁ ପ୍ରଥମଥର ପାଇଁ ଏହି ପେନସନ ଅଦାଲତ ଆୟୋଜନ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପଦକ୍ଷେପ ପେନସନ ଉପଭୋକ୍ତାଙ୍କ କଲ୍ୟାଣ ନିମନ୍ତେ ଏକ ମାଇଲଷ୍ଟୋନ ଭାବେ ପରିଗଣିତ ହେବ ବୋଲି ସେ କହିଥିଲେ। ଏହାସହ ସେ ପ୍ରିନ୍ସିପାଲ ଅଆକାଉଂଟ ଜେନେରାଲ (ଏ ଆଣ୍ଡ ଇ ), କାର୍ଯ୍ୟାଳୟର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ।

ଏହି ଅଦାଲତରେ ମୋଟ ୬୮ ଜଣ ପେନସନର / ଫ୍ୟାମିଲି ପେନସନର ଉପସ୍ଥିତ ହୋଇ ନିଜର ଅଭିଯୋଗ ଓ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ ମାମଲାକୁ ସଠିକ ଭାବରେ ପରୀକ୍ଷା କରାଯାଇ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଏହି ଅଦାଲତରେ ଶ୍ରୀମତୀ ମମତା ମଲ୍ଲିକ (ଆର୍ଥିକ ପରାମର୍ଶଦାତା, ରାଜ୍ୟ ପୋଲିସ ମୁଖ୍ୟାଳୟ), ଶ୍ରୀ ସରୋଜ କୁମାର ନାଏକ, ଅର୍ଥ ଅଧିକାରୀ, ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକ ଏବଂ ଏ.ଜି. କାର୍ଯ୍ୟାଳୟର ବରିଷ୍ଠ ଆକାଉଣ୍ଟ ଅଫିସର ଶ୍ରୀ ଶରତ କୁମାର ମହାପାତ୍ର, ଶ୍ରୀ ବିଶ୍ୱାସ କୁମାର ସିହ୍ନା ଓ ରବି କୁମାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ପେନସନରମାନଙ୍କ ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ ଏବଂ ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।

# ଲିମକାର ସୋସିଆଲ ମିଡ଼ିଆ ଦାୟିତ୍ୱରେ ଅନନ୍ୟା ପାଣ୍ଡେ

**ଭୁବନେଶ୍ୱର,୮।୪ (ମହାଭାରତ):** ଲିମକାର ସୋସିଆଲ ମିଡ଼ିଆ କ୍ଷେତ୍ରରେ ଏବେ ଏକ ନୂଆ ଚେହେରା ଦେଖିବାକୁ ମିଳିବ। ଭାରତର ପ୍ରିୟ ସୋଡ଼ା ଏବଂ ଲେମ୍ବୁ ପାନୀୟ ଲିମକା, ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ଏକ ଦୈତ ଭୂମିକାରେ ନିଯୁକ୍ତ କରିଛି, ବ୍ରାଣ୍ଡର ନୂଆ ଚେହେରା ହେବା ସହ ସୋସିଆଲ ମିଡ଼ିଆ ମ୍ୟାନେଜର ଭାବେ ସେ କାର୍ଯ୍ୟ କରିବେ। ବ୍ରାଣ୍ଡଟି ଅନଲାଇନରେ କିଭଳି ଉପସ୍ଥାପିତ ହେବ ଏବଂ ଲୋକଙ୍କ ସହ ଯୋଡ଼ି ହେବ, ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ଅନନ୍ୟାଙ୍କ ହାତରେ ରହିବ। ଭାରତୀୟ ସଂସ୍କୃତିରେ ଲିମକା ଗାର୍ଲ ସବୁବେଳେ ଏକ ସ୍ୱତନ୍ତ୍ର ସ୍ଥାନରେ ରହିଛି। ପ୍ରତି ପିଢ଼ୀରେ ଜଣେ ଜଣେ ଆଇକନିକ୍ ଚେହେରା ଲିମକାର ସତେଜତାକୁ ପ୍ରତିଫଳିତ କରିଛନ୍ତି। ୨୦୨୬ ମସିହାରେ ଚଳଚଂଚଳ ଏବଂ ସୁନ୍ଦରୀ ଅନନ୍ୟା ପାଣ୍ଡେ ନୂଆ ଲିମକା ଗାର୍ଲ ଭାବେ ଦାୟିତ୍ୱ ନେଇଛନ୍ତି। କିନ୍ତୁ ଏଥର ପ୍ରଥମ ଥର ପାଇଁ ଏଭଳି କ୍ଷେତ୍ରରେ ଲିମକା ଏକ ଭିନ୍ନ ପଦକ୍ଷେପ ନେଇ ନିଜର ପ୍ରସଙ୍ଗ ଦୁନିଆର ଚାବିକାଠି ଅନନ୍ୟାଙ୍କୁ ହସ୍ତାନ୍ତର କରିଛି। ତାଙ୍କର ହାସ୍ୟରସ ଏବଂ କ୍ୟାମେରା ସମ୍ମୁଖରେ ସହଜ ଅଭିନୟ ଲିମକା ବ୍ରାଣ୍ଡକୁ ଏକ ନୂଆ ପରିଚୟ ଦେବ। ପ୍ରାୟ ପାଂଚ ଦଶନ୍ଧି ଧରି ନିଜର ସ୍ୱତନ୍ତ୍ର ସ୍ୱାଦ ଏବଂ ବୁଦ୍‌ବୁଦ୍ ଦ୍ୱାରା ଭାରତକୁ ସତେଜତା ପ୍ରଦାନ କରିବା ପରେ, ଏବେ ଏହି ବ୍ରାଣ୍ଡର ବଂଶାନୁକ୍ରମିକତାରେ ଏକ ଶକ୍ତିଶାଳୀ ନୂଆ ସ୍ୱର ଯୋଡ଼ି ହୋଇଛି।

# ମେଟ୍ରୋ ରେଳ ସ୍ୱପ୍ନ ଭାଙ୍ଗିଦେଲେ ସରକାର

**ଭୁବନେଶ୍ୱର,୮।୪ (ମହାଭାରତ):** ଭୁବନେଶ୍ୱରବାସୀଙ୍କ ସ୍ୱପ୍ନର କୋଣାର୍କକୁ ମୋହନ ସରକାର ଧୂଳିସାତ କରିଦେଲେ ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ୨୦୨୪ ଜାନୁଆରୀ ୧ ତାରିଖରେ ୬ ହଜାର ୨୨୫ କୋଟ ଟଙ୍କା ବ୍ୟୟରେ ମେଟ୍ରୋ ପକଳ୍ପ ନିର୍ମାଣ ପାଇଁ ନବୀନ ସରକାର ତ୍ରିଶୁଳିଆ ଠାରେ ଭିତି ପ୍ରସ୍ତର ସ୍ଥାପନ କଲେ । ଯାହାକି ୨୦୨୩ ଏପ୍ରିଲ ୧ ରେ ୪୮ ମାସ ମଧ୍ୟରେ ସଂପୂର୍ଣ୍ଣ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହାର ଡିପିଆରକୁ ରାଜ୍ୟ କ୍ୟାବିନେଟ ମଧ ୨୦୨୩ ରେ ଅନୁମୋଦନ କରିଥିଲା । ଭୁବନେଶ୍ୱର ମେଟ୍ରୋ ରେଳବାଇ କର୍ପୋରେସନ ଲିମିଟେଡ଼ ନାମରେ ଏକ ସ୍ୱତନ୍ତ୍ର ସଂସ୍ଥା କରାଯାଇ ସଂପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଖର୍ଚ୍ଚରେ ଏହା କରାଯିବା ପାଇଁ ନିଷ୍ପତି ହୋଇଥିଲା । ଏଥିରେ ୨୦ଟି ଷ୍ଟେସନ ରହିବା ସହିତ ତ୍ରିଶୁଳିଆ ଠାରୁ ଏୟାରପୋର୍ଟ ପର୍ଯ୍ୟନ୍ତ ୨୬ କି.ମି. ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସ୍ଥିର ହୋଇଥିଲା । ୪ ବର୍ଷ ଭିତରେ ଏ କାର୍ଯ୍ୟ ସରିଥାନ୍ତା । ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ତାଙ୍କ ମନ୍ତବ୍ୟରେ କହିଥିଲେ ଯେ ପୂର୍ତ୍ତମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଯାହା କହୁଛନ୍ତି ତାଙ୍କ କଥା ସହ ନା ମୁଖ୍ୟମନ୍ତ୍ରୀ ନା ରେଳମନ୍ତ୍ରୀଙ୍କର କୌଣସି ସାମଞ୍ଜସ୍ୟ ରହୁଛି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ମୁଖ୍ୟମନ୍ତ୍ରୀଙ୍କ ଏବଂ ମନ୍ତ୍ରୀଙ୍କ କଥାରେ କୌଣସି ତାଳମେଳ ରହୁନାହିଁ । ପୂର୍ତ୍ତ ମନ୍ତ୍ରୀ ତୁରନ୍ତ ସ୍ପଷ୍ଟି କରଣ ରଖନ୍ତୁ ଯେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେବେ ଶେଷହେବ । ଯଦି ମେଟ୍ରୋ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ ନକରାଯାଏ ତାହାଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜଧାନୀ ରାସ୍ତାରେ ଯୁବ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ।

ଏବେ ମୋହନ ସରକାର ଏହି ପ୍ରକଳ୍ପକୁ ସଂପୂର୍ଣ୍ଣ ବନ୍ଦ କରିଦେଲେ ।



## ଦୁର୍ନୀତିଖୋର ଅଫିସର

ସରକାରୀ ଅଫିସରେ ଦୁର୍ନୀତିଖୋର ଏବଂ ଅପାରଗ ଅଫିସର ତଥା କର୍ମଚାରୀମାନେ କୌଣସି ଯୋଜନାର ସଫଳ ରୂପାୟନରେ ମୁଖ୍ୟ ପ୍ରତିବନ୍ଧକ। ଅନେକ ସମୟରେ ଅଯୋଗ୍ୟ ବ୍ୟକ୍ତି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିବା ଫଳରେ ଏଭଳି ସ୍ଥାଣୁତା ସୃଷ୍ଟି ହେଉଛି। ଅନେକ ଅଯୋଗ୍ୟ ବା ଦୁର୍ବଳ ବ୍ୟକ୍ତି ଜାତିଗତ ସଂରକ୍ଷଣ ମାଧ୍ୟମରେ ଅନୁକମ୍ପାରେ ସରକାରୀ ଚାକିରୀ କରୁଛନ୍ତି। ଜାତିଗତ ସଂରକ୍ଷଣ ବ୍ୟବସ୍ଥାକୁ କେତେକ ବିରୋଧ କରି ଆସୁଛନ୍ତି ଏବଂ ସେମାନଙ୍କ ମତରେ ଜାତି ନୁହେଁ, ଆର୍ଥିକ ସ୍ଥିତିକୁ ଦେଖି ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଉଚିତ। ଏହା ଦ୍ୱାରା ଉଚ୍ଚ ବର୍ଗର ଗରିବ ପିଲାଟିଏ ସଂରକ୍ଷଣ ସିଡ଼ି ଚଢ଼ି ଉପରକୁ ଯାଇପାରିବ। ଏଥିଲାଗି କେନ୍ଦ୍ର ସରକାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଉଚ୍ଚ ଜାତିର ପିଲାଙ୍କ ପାଇଁ ଉଭୟ ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପ□କୁ ସୁପ୍ରିମକୋର୍ଟ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏଥିଲାଗି ସମ୍ବିଧାନର ୧୦୩ତମ ସଂଶୋଧନକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିଛନ୍ତି। ଏହା ଫଳରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବ୍ୟକ୍ତିଙ୍କୁ ସଂରକ୍ଷଣ ସୁବିଧା ମିଳିବାରେ ଆଉ କିଛି ଅସୁବିଧା ନାହିଁ। ସମ୍ବିଧାନର ୧୦୩ତମ ସଂଶୋଧନକୁ ବିରୋଧ କରିଥିବା ଜଷ୍ଟିସ ୟୁ ୟୁ ଲଳିତ କହିଥିଲେ ଯେ, କେବଳ ଉଚ୍ଚବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଦ୍ୱାରା ଏସଟି/ଏସସି ଏବଂ ଓବିସି ବର୍ଗ ପ୍ରତି ଅନ୍ୟାୟ ହେଉଛି। କେବଳ ଅସଂରକ୍ଷିତ ବର୍ଗ ନୁହେଁ, ସଂରକ୍ଷିତ ବର୍ଗରେ ଯେଉଁମାନେ ଗରିବ ସେମାନଙ୍କୁ ମଧ୍ୟ ଏହି ସବିଧା ପ୍ରଦାନ କରାଯାଉ। ନଚେତ ସଂରକ୍ଷଣ ବ୍ୟବସ୍ଥାର ମୌଳିକ ଉଦ୍ଦେଶ୍ୟ ବିଫଳ ହେବ। ତା ଛଡ଼ା ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ରହୁ। ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଜାୟ ରଖିବା ଅନୁଚିତ। ସ୍ୱାଧୀନତାର ୭୫ ବର୍ଷ ପରେ ବି ସଂରକ୍ଷଣ ବ୍ୟବସ୍ଥା କାଏମ ରହିବା ଏବଂ ଏହା ଅଧିକରୁ ଅଧିକ ସମ୍ପ୍ରସାରିତ ହେବା ଅନୁଚିତ। ଏହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଚାରଯୋଗ୍ୟ। କିନ୍ତୁ ସଂରକ୍ଷିତ ବର୍ଗର ଗରିବଙ୍କୁ ଏହି ୧୦%ରେ ସାମିଲ କରାଯିବା ଏକ ଭୁଲ ଚିନ୍ତାଧାରା। ସେମାନେ ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଉଛନ୍ତି। ଯେଉଁମାନେ ଏହାର ଫାଇଦା ଉଠାଇ ପାରୁନାହାଁନ୍ତି, ସେମାନଙ୍କୁ ପୁଣି ଗରିବ ବୋଲି କହି ଅଧିକ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଅସାମ୍ବିଧାନିକ ହେବ। ସଂରକ୍ଷଣ ବ୍ୟବସ୍ଥା ଏକ ସଭ୍ୟ ସମାଜର ପରିଚାୟକ ନୁହେଁ। ସାମାଜିକ ନ୍ୟାୟ ପରିବ□ ଏହା ଏକ ପ୍ରକାର ଆଇନଗତ ଦୁର୍ନୀତି ବୋଲି କହିଲେ ଭୁଲ ହେବ ନାହିଁ। ପାଠ ପଢ଼ିବାକୁ ସମସ୍ତଙ୍କୁ ସମାନ ସବିଧା ମିଳୁ। ସମସ୍ତଙ୍କ ପାଇଁ ସମାନ ସୁଯୋଗ ରହୁ। ଯିଏ ଯୋଗ୍ୟ ସେ ପ୍ରତିଯୋଗିତାରେ ଉ□ୀର୍ଣ୍ଣ ହେବ। ଜଣେ ଉଚ୍ଚ ବର୍ଗର ଛାତ୍ର ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଯାହା ପାଉନାହିଁ, ତାହା ୫୦ ପ୍ରତିଶତ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ଛାତ୍ରଟିଏ ପାଇ ପାରୁଛି। ଏହା ଏକ ସାମାଜିକ କଳଙ୍କ। ଏହାକୁ ସାମାଜିକ ନ୍ୟାୟ କହିବା ସତ୍ୟର ଅପଳାପ କହିଲେ ଭୁଲ ହେବ ନାହିଁ। ଧର୍ମକୁ ଆଖିଠାର ଭଳି ଏହାକୁ ନ୍ୟାୟ ନାମରେ ଅନ୍ୟାୟ ବୋଲି କୁହାଯାଇପାରେ। ଏହା ହିଁ ଭାରତରେ ଘରୋଇକରଣର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଯେଉଁମାନେ ସଂରକ୍ଷଣ ସୁବିଧାରୁ ବଂଚିତ ହୋଇ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି ବା ସରକାରୀ ଚାକିରୀ ଖଣ୍ଡେ ପାଇପାରୁନାହାଁନ୍ତି ସେମାନେ ଘରୋଇ କରଣକୁ ସ୍ୱାଗତ କରୁଛନ୍ତି। ସେମାନେ ଘରୋଇ ସ୍କୁଲରେ ପାଠ ପଢୁଛନ୍ତି, ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରିବାର ସୁଯୋଗ ପାଉଛନ୍ତି। ଯଦି ଭାରତରେ ଆର୍ଥିକ ଉଦାରିକରଣ ହୋଇନଥାନ୍ତା ବା ବଡ଼ ବଡ଼ କମ୍ପାନୀ ଭାରତରେ ସେମାନଙ୍କ କାରବାର ବା କାର୍ଯ୍ୟାଳୟ ପ୍ରତିଷ୍ଠା କରିନଥାନ୍ତେ ତେବେ ଆଜି ଅସଂରକ୍ଷିତ ବର୍ଗ ଆହୁରି ଅବହେଳିତ ହୋଇ ରହିଥାନ୍ତେ।

## ସତ୍ୟନାମର ମାହାତ୍ମ୍ୟ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

"

*;ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ।*

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ।

ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ୍ୟ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୂଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧ୍ୟାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର।

ସେଥିପାଇଁ ସାଧକ ଗାଇଛନ୍ତି - 'ନାମେ ଶୁଷ୍କତରୁ ମୁଞ୍ଜରିଲ।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ୍ୟ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ୍ୟ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ୍ୟ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ୍ୟ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ୍ୟ ତଦ୍ରୂପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଳିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିଟରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂଣ୍ୟପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା - ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି।

## 'କୋଟା'ର ମୃତ୍ୟୁ ଫାଶ ଓ ଆଜିର ମେଧାବୀ

**॥ ଡାକ୍ତର ସମ୍ରାଟ କର ॥**

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' - ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ୍ୟ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ୍ୟ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ୍ୟ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩


## ଘର ଭିତରେ ଠାକୁରଙ୍କ ଫଟୋ

**॥ ଅଜୟ କୁମାର ବେହେରା ॥**

ଏବେ ଘର କାହାର? ଠାକୁର ପ୍ରଚାର କରି ତାଙ୍କ ଛବି ଘରେ ରଖିବାକୁ କାହାକୁ ପ୍ରଭାବିତ କରିନାହାଁନ୍ତି। ଲୋକେ କେହି ଭାବରେ, କେହି ଭକ୍ତିରେ, କେହି ପରଲୋକକୁ ଅନୁକରଣ କରି ଠାକୁରଙ୍କ ଛବି ଫଟୋ ଘରେ ପୂଜା ପାଇଁ ସନ୍ତୋଷ ପାଇଁ ଲଗାଉଛନ୍ତି। ଘରଟା ସ୍ୱର୍ଗର ଟୁକୁଡ଼ା ହୋଇପାରେ ଯେଉଁଠି ଦିଅଁଙ୍କର ଫଟୋ ନୁହେଁ ଆଦର୍ଶ ପାଳନ ହେଉଛି ଏହାକୁ କେହି ବୁଝନ୍ତିନାହିଁ। ଓଡ଼ିଶାରେ ଏକ ପୂଜା ଗୃହାରମ୍ଭ ଗୃହ ପ୍ରତିଷ୍ଠାରେ ଘଟ ତ ବସାଯାଏ ହେଲେ ଏକ ଫଟୋ ଠାକୁରଙ୍କ ପୁରୋହିତ ରଖି ପୂଜା କରନ୍ତି। ପୂଜା ଶେଷରେ ଲୋକେ ତାକୁ ଘରେ ରଖି ଠାକୁରଙ୍କୁ ପୂଜା କରନ୍ତି। ଧୂପକାଠି, ଦୀପ ଆଦି ଦେଇ ପୂଜା କରି ଚାଲନ୍ତି। ଏଇଟା ପ୍ରତି ଘରର ଏକ ହିନ୍ଦୁ ପରମ୍ପରା ଲୋକେ ଘରେ ରହିଲେ ବି ଏକ ବୃନ୍ଦାବତୀ ଚୌରା ପଦା ରହିଛି। ମୁଖ୍ୟ ଦରଜାର କବାଟ ହେଉ ବା ଦ୍ୱାର ବନ୍ଧ ଉପର ହେଉ କିଏ ହନୁମାନ କିଏ ଗଣେଶ କିଏ ବା ନାମ କିଏବା ଗାୟତ୍ରୀ ଛବି ଲଗାଇଛନ୍ତି। ସତେ ଯେମିତି ବ୍ୟକ୍ତିଙ୍କର ଘର ପାର୍ବତୀ ଅନ୍ନପୂର୍ଣ୍ଣାଙ୍କ ବାସ ଏହାର ଦ୍ୱାର ଗଣେଶ ଜଗିବେ 'ରାମଦ୍ୱାଆରେ ତୁମ ରଖବାରେ' ହନୁମାନ ରାମଦ୍ୱାର ଜଗନ୍ତି। ମାତ୍ର ରାମଙ୍କ ଆଦର୍ଶ ସେ ଗୃହରେ କାଣିଚାଏ ଅନୁଭବ ନାହିଁ ହେଲେ ଘର ଦ୍ୱାର ଦେଶରେ ହନୁମାନ ଫଟୋ ଲାଗିଛି। ଜଣଙ୍କ ମେନ ଗେଟରେ ତ୍ରିଶୂଳ ଲୁହାର ଗେଟରେ ମିସ୍ତ୍ରୀ କରି ଲଗାଇବା ବ୍ୟବସ୍ଥା କରିଛନ୍ତି ଲୋକ ଘର ମଧ୍ୟରେ ଶିବବସ କୈଳାସ ବା ଶଶି ବା ଏକମ୍ରକାନନ ପରି ପବିତ୍ର କ୍ଷେତ୍ର ହେବା କଥା। ଶିବ ଔଜର ଦାନୀ ସେ ଘରେ ଦାନ କଣ ହୁଏ କେହି ଦେଖିନାହିଁ। କ ଲୋକରେ ପ୍ରଚାର ନାହିଁ। ହେଲେ ତ୍ରିଶୂଳ ଘର ଦ୍ୱାର ଜଗୁଆଳୀ। ଶିବଙ୍କ ଶ୍ମଶାନ ବାସ ଏକ ଭିନ୍ନବାସ ଘରଟି ଶ୍ମଶାନ ଯେ ନୁହଁ ଏକଥା ତାର ସାଜ ସଜାରୁ ବେଶ ଜଣାପଡୁଛି।

ଗଙ୍ଗାମାଙ୍କ ଜଳକୁ ହିନ୍ଦୁଧର୍ମରେ ପବିତ୍ର ମନେ କରାଯାଉଛି। ଅନେକ ସ୍ତ୍ରୀ ଲୋକ ମାନସିକ ଶୁଦ୍ଧ ସ୍ନାନ ବେଳେ ଗଙ୍ଗାପାଣି ଛିଞ୍ଚି ହୋଇବା ସ୍ଥଳରେ ସଂଯୋଗ କରି ଶୁଦ୍ଧ ହେବା ମନେ କରନ୍ତି। ଏପାଇଁ ଗଙ୍ଗା ପାଣି ପ୍ରୟାଗରାଜ ହରିଦ୍ୱାର, ଗଙ୍ଗୋତ୍ରୀ ପରି ସ୍ଥାନରୁ କେହି ଆଣିଥିଲେ ଲୋକ ତାଙ୍କ ପାଖରୁ ମାଗି ଆଣୁଥିଲେ। ଏ ସମୟରେ ଭାରତୀୟ ଡାକ ବିଭାଗ ତରଫରୁ ବଡ଼ ବଡ଼ ପୋଷ୍ଟ ଅଫିସରେ ଏଗଙ୍ଗ ଜଳ ମିଳୁଛି। ଗଙ୍ଗା ପାଣି ପବିତ୍ର ମନେ କରିବା କେହି ମନା କରୁନାହିଁ। ପବିତ୍ର ସମ୍ବନ୍ଧରେ କଣ କେହି ପବିତ୍ର ରହିବା ଚେଷ୍ଟା କରୁଛନ୍ତି କି? ଗଙ୍ଗାଧାରଣ ଶିବ କରିଛନ୍ତି ବୋଲି ସେ ହରାହର ମହାଦେବ ଦେବତାଙ୍କ ଦେବତା, ଅଥଚ ଗଙ୍ଗା ସମ୍ବନ୍ଧରେ କେହି ସତ୍ୟମ ଶିବମ୍ ସୁନ୍ଦରମ୍ ହେବା ଚେଷ୍ଟାରେ ନାହାଁନ୍ତି। କିପରି ଗଙ୍ଗା ପାଣି ଘରେ କେବଳ ରଖିଲେ ଗଙ୍ଗାତତ୍ତ୍ୱ ସରଳରେ ହାସଲ ହୋଇ ଘର ଗଙ୍ଗାପାଣି ପରି ପବିତ୍ର ଶୁଦ୍ଧ ହେବ ଗଙ୍ଗା ଧାରଣକରି ଘର ଶିବ ହୋଇଯିବ।

ପ୍ରତିଘରେ ହତିଆର ଅଛି କିଛି ନଥିଲେ କଟୁରୀ, ଛୁରୀ, ପନିକି, ଠେଙ୍ଗା ନିଶ୍ଚେ ଥିବ। ପ୍ରାଚୀନ କ୍ଷତ୍ରୀୟଙ୍କ ଘରେ ଖଣ୍ଡା ଥିବ। ଆମ ରାଜ୍ୟରେ ବଳରାମଙ୍କ ଆୟୁଧ ହଳ ଏ ହଳ ଲଙ୍ଗ ଥିବ। ଏସବୁ ଆୟୁଧ ବଢ଼େଇ ମିସ୍ତ୍ରୀଙ୍କ ଘରେ କରତ ବଟାଳି, ନିହାଣ, ବାରିଶି ବି ଆୟୁଧ କମାରଙ୍କ ଘରେ ଆରି, ଛେଣି, କଟର ବି ହତିଆର ଏସବୁ ସହିତ ଅତି ଧାରୁଆ କ୍ଷୁର ଓ କତୁରୀ ବାରିକଙ୍କର ଆୟୁଧ ଏସବୁ ଗୃହରେ ଆୟୁଧ ପୂଜା ସଜ୍ଜା ବସାକୁ ପୂଜା ହେଲେ କେହି ନିଜ ଗୃହରେ ପ୍ରତିବେଶୀରେ ଶତ୍ରୁ ଭାବି ହଠାତ ପ୍ରୟୋଗ ଏସବୁ କଲେ କଣ ତ୍ରାହି ଅଛି କି? ବୃଥା ରକ୍ତପାତ କରିବାକୁ ଏସବୁ ତୟାର ନୁହଁ ଏଥିରୁ ଜୀବନ ଜୀବିକା ଚଳାଇବାକୁ ଏହାକୁ ଈଶ୍ୱରଦତ୍ତ ପଦାର୍ଥ ବୁଝିବା ଦରକାର। ଏସବୁ ଘର ଭିତରେ ବ୍ୟବସ୍ଥା, ଘର ବାହାରପଟ କାନ୍ଥ, ପାଚେରୀ ଏଥିରେ ପ୍ରତି ପାଞ୍ଚ ବର୍ଷରେ ସ୍ଥାନୀୟ ନେତାଙ୍କର ଛବି ଲଗା ଯାଉଛି। ନାମାବଳୀର ପରି ହ୍ୟାଣ୍ଡବିଲ, ଲଗାଯାଉଛି, କେହି କାନ୍ଥ ଅସୁନ୍ଦର ନକରିବା ପାଇଁ ମନା (ହ୍ୟାଣ୍ଡ ବିଲ) ଲଗାଇବା ମନାର ନିର୍ଦ୍ଦେଶ ଛାପିଛନ୍ତି। ଏହା ବି ବେଳେ ବେଳେ ଅମାନ୍ୟ ହୋଇଯାଏ। ବଡ଼ ବଡ଼ ନେତାଙ୍କ ବ୍ୟାନର ବଡ଼ ରାସ୍ତା କଡ଼ ଗଛ ପାଚେରୀ କାନ୍ଥରେ ଲଗାଯାଇଥାଏ। ଖୁବ ସୁଦୃଶ୍ୟ ଏହାକୁ ବିଚାରକୁ ନେଲେ କେତେ ଅର୍ଥ ଏ ପାଇଁ ନଲାଗୁଛି, ଫଟୋ ଟି ଯେ ଚୀରନ୍ତନ ନୁହଁ କେବେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କ ବୋଧ ଶକ୍ତି ହୁଏତ ନାହିଁ। ବାଜପେୟୀ ପ୍ରଧାନମନ୍ତ୍ରୀ ବେଳେ ତାଙ୍କର ଛବ ରାସ୍ତାରେ ପ୍ରଧାନ ସଡ଼କ ଯୋଜନାରେ ବହୁ ସ୍ଥାନରେ ବ୍ୟାନରରେ ଲଗାଯାଇଥିଲା ପରେ ଭେଟ ବେଳେ ତାକୁ କଢ଼ାଗଲା ବା ଢ଼ାଙ୍କି ଦିଆଗଲା ଏସବୁ ବ୍ୟକ୍ତିକୁ କ୍ଷଣିକ ସୁଖ ଦେଲା ସିନା ପୂର୍ଣ୍ଣ ସୁଖର ଅବକାଶ ଦେଲା ନାହିଁ। ହେଲେ ତାଙ୍କର କୀର୍ତ୍ତି ତାଙ୍କର ଶାସନ କାଳ କଳାପରେ ରହିଗଲା ଏମିତି ପ୍ରତି ପେଟ୍ରୋଲ ପମ୍ପରେ ତୈଳ ବିଭାଗ ମନ୍ତ୍ରୀଙ୍କର ଛବି ଛପାଯାଇ ଲଗାଯାଇଥିଲା ଏବେ ସେ ଅଛନ୍ତି ମାତ୍ର ସେ ପଦରେ ନାହାଁନ୍ତି ବୋଲି ଛବି ସବୁ ଲୁପ୍ତ। ଏମିତି ଅନେକ ଉଦାହରଣ ଏହାପରେ ବ୍ରିଟିଶ ବେଳର ମୂଲ୍ୟବାନ ବ୍ୟକ୍ତିଙ୍କର ପ୍ରସ୍ତର ଧାତୁମୂର୍ତ୍ତି ନାମରେ ତାଙ୍କର ନାମ ଦରଜ ଥିଲା, କେତେ ସ୍ଥାନର ବହୁ ବର୍ଷ ପରେ ସେ ମୂର୍ତ୍ତି ସବୁ କଢ଼ାଯାଇ ଭାରତର ସ୍ମରଣୀୟ ନେତାଙ୍କର ମୂର୍ତ୍ତି ଲଗାଗଲା। ଯେଉଁ ଦଳ ପ୍ରଶାସନ କ୍ଷମତାରେ ତାଙ୍କର ଆଦର୍ଶ ନେତାଙ୍କ ମୂର୍ତ୍ତିକୁ ସର୍ବମାନ୍ୟ ପାଇଁ ବହୁ ସ୍ଥାନରେ ଲଗାଯାଉଛି। ପରବର୍ତ୍ତୀ ଅନ୍ୟ ଦଳର ଏ ସହ୍ୟ ଯେ ହେବ ଏପରି ସମ୍ଭବନା ସ୍ଥାୟୀ ନୁହେଁ। ଏ ଦିନେ ଉଠିପାରେ। ଗାନ୍ଧୀ ଜାତୀୟ ପିତା ସ୍ୱୀକାର କରାଯାଇଛି। ତାଙ୍କ ନାମରେ ବଡ଼ ବଡ଼ କାଗଜ ନୋଟ ହେଲେ ତାକୁ ବିଲୁପ୍ତ ଅପଚେଷ୍ଟା ଚାଲିଲାଣି। ନୋଟ ଟି କିଛି ସ୍ମରଣ କରାଉଥିଲା ସମ୍ମାନ ଦେଉଥିଲା, ଏବେ ମଦ ରଦ୍ଧ କରିଥିବା ଗାନ୍ଧୀଙ୍କ ଛପା ନୋଟ ଦେଇ ଲୋକ ମଦ କ୍ରୟ କରୁଛନ୍ତି। ଏ ଗାନ୍ଧୀଙ୍କୁ ଅପମାନ ନୁହେଁ କି?

ସାର୍ବଜନୀନ କୂପ, ନାଳ, ପୁଷ୍କରିଣୀ, ନଦୀର ଜଳ ଦେବପୂଜାରେ ଘଟ ସ୍ଥାପନ ପାଇଁ ଘଟ ବୁଡ଼ା, ଦେବତା ଶିବଙ୍କ ଉପରେ ଜଳ ଢ଼ାଳିବା କିଛି ପବିତ୍ର କାର୍ଯ୍ୟରେ ଲାଗୁଥିଲା ଏବେ ସହର ଗ୍ରାମର ମଇଳା ପାଣି ଏସବୁ ମିଶ୍ରଣ ଯୋଗୁ ଏ ଜଳକୁ ଲୋକେ ଆଉ ପେୟ କରୁନାହାଁନ୍ତି। ଯୋଗ୍ୟ ଭାବୁ ନାହାଁନ୍ତି। ପାଦୁକ କରିବାକୁ ଚାହୁଁନାହାଁନ୍ତି। ପିଇବା ପାଣି ବୋତଲର ବ୍ୟବହାର କଲେଣି। ତେବେ ଦେବତା ପୂଜା ସେହ ବୋତଲର ପାଣିରେ ଏ ସମୟରୁ ଆରମ୍ଭ କରାଯିବ କି? ସହରର ଅସନା ପରିତ୍ୟକ୍ତ ଜଳକୁ ରିସାଇକେଲିଂ କରି ପେୟ ଉପଯୁକ୍ତ କରି ସହରକୁ ଯୋଗାଯିବା ଯୋଜନା ହେଉଛି। ଏହା ଲୋକଙ୍କ ଚଳନୀରେ କେମିତି ଆସିବ ଏହା ଦେଖିବାକୁ ବାକି ରହିଲା। ଘୁଷୁରୀ ମଳ ଖାଏ ବୋଲି ଅନେକ ଧର୍ମରେ ଏହାର ମାଂସ ଅଖାଦ୍ୟ ଧରାଯାଇଛି। ହେଲେ ମଳମୂତ୍ର ସଂଶ୍ଳିଷ୍ଟ ଜଳକୁ ପୁନଃ ପେୟ ଦରକାରୀ ଜଳ କରାଗଲେ ଲୋକଙ୍କୁ କେମିତି ଲାଗିବ। ଏ ଧର୍ମର ଚଳନୀ କି ନାହିଁ ବିଚାର୍ଯ୍ୟ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





# ଶହେ ଶଯ୍ୟା ବିଶିଷ୍ଟ କୋଠାରେ ସମସ୍ତ ଏସି ଅଚଳ
# ଛଟପଟ ରୋଗୀ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ



ନୟାଗଡ, (ମହାଭାରତ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବେ ଭଗବାନଙ୍କ ଭରସାରେ ଚାଲୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦ ଖାଲି ଥିବା ବେଳେ ଭାରପ୍ରାପ୍ତ ଦାୟିତ୍ୱରେ କାମ ଚଳାଯାଉଛି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ନିଜ ଇଚ୍ଛା ମୁତାବକ ଛୁଟି ନେଉଛନ୍ତି। ଡାକ୍ତରଖାନା ସମସ୍ୟା ଦୂର କରିବା ପାଇଁ ନା ଅଧିକାରୀଙ୍କ ନିଘା ଅଛି, ନା କର୍ମଚାରୀଙ୍କର। ଛୋଟ ସମସ୍ୟା ଦୂର କରିବାକୁ ଫାଇଲ ଚାଷ କରି ଅଧିକାରୀଙ୍କ ଅନୁମତି ପାଇଁ ମାସ ମାସ ଲାଗୁଛି। ଚିକିତ୍ସାଳୟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଶହେ ଶଯ୍ୟା ବିଶିଷ୍ଟ କୋଠାରେ ୫୦ରୁ ଉର୍ଦ୍ଧ ଏସି ଲାଗିଛି। ତେବେ ଏହି ଏସି ଗୁଡ଼ିକ ଦୀର୍ଘଦିନ ହେବ କାମ କରୁନାହିଁ। କିଛିଦିନ ତଳେ ଜିଲ୍ଲାପାଳ ମଧୁମିତା ରଥ ଡାକ୍ତରଖାନା ବୁଲିବା ସମୟରେ ଏହା ଦୃଷ୍ଟିକୁ ଆସିବାରୁ ତୁରନ୍ତ ସବୁ ଏସି କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ସୁଦ୍ଧା ଏହାର କାମ ନ ହେବା ଫଳରେ ରୋଗୀ, ରୋଗୀ ସମ୍ପର୍କୀୟ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଗରମରେ ଛଟପଟ ହେଉଛନ୍ତି। ଏହି ଶହେ ଶଯ୍ୟା ବିଶିଷ୍ଟ କୋଠାରେ ଗୋଟିଏ ବି ଏସି କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ପାଇଁ ଅନେକ ପ୍ରକାର ପରୀକ୍ଷା ବ୍ୟବସ୍ଥା ଏହି କୋଠାରେ ରହିଛି। ଇସିଜି, ଥାଏରଏଡ୍ ପରୀକ୍ଷା, ବିଭିନ୍ନ ଡାକ୍ତରଙ୍କ କୋଠରି ସମେତ ମେଡିସିନ ଓ୍ୱାର୍ଡ, ସର୍ଜରୀ ଓ୍ୱାର୍ଡ, ବର୍ଣ୍ଣ ଓ୍ୱାର୍ଡ, ସର୍ଜରୀ ଅସ୍ତ୍ରୋପଚାର ଓ୍ୱାର୍ଡ, କ୍ୟାନସ ଓ୍ୱାର୍ଡ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି ଏହି ଶହେ ଶଯ୍ୟା ବିଶିଷ୍ଟ ଓ୍ୱାର୍ଡ ରେ। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏହି କୋଠାରେ ଚଳ ପ୍ରଚଳ କରୁଥିବା ବେଳେ ଆବଶ୍ୟକ ମୁତାବକ ଏସି କାମ ନ କରିବା ବଡ଼ ବିଷମ ପରିସ୍ଥିତି ସୃଷ୍ଟି କରିଛି। ଅନେକ ବୈଦ୍ୟୁତିକ ପରୀକ୍ଷା ଯନ୍ତ୍ରପାତି ଏସି କୋଠରି ମଧ୍ୟରେ ରହିବା ଆବଶ୍ୟକ। ମାତ୍ର ଏସି କାମ କରୁ ନ ଥିବାରୁ ସେଗୁଡ଼ିକ ମଧ୍ୟ ବିନା ଏସିରେ କାର୍ଯ୍ୟ କରୁଛି। ଡାକ୍ତରଖାନାର ସାମାନ୍ୟ ସମସ୍ୟା ଦୂର କରିବା ପାଇଁ କର୍ମଚାରୀ ଓ ଅଧିକାରୀଙ୍କ ଆନ୍ତରିକତା ନଥିବା ଭଳି ମନେ ହେଉଛି। ଏ ସମସ୍ୟା ସମ୍ପର୍କରେ ଡାକ୍ତରଖାନା ପରିଚାଳକଙ୍କ ପ୍ରତିକ୍ରିୟା ନେବାରେ, ଏମ୍ ?ସିବି ଖରାପ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ଏହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ କୁହାଯାଇଛି। ନୂଆ ଏମସିବି ଆସି ସାରିଛି। ଖୁବଶୀଘ୍ର ଲଗାଯିବ ବୋଲି କହିଛନ୍ତି। ଏସି ବ୍ୟତୀତ ଏହି କୋଠାର ବିଭିନ୍ନ ସ୍ଥାନରେ ଲାଗିଥିବା ଫ୍ୟାନ୍ ଗୁଡ଼ିକର ରେଗୁଲେଟର୍ ନ ଥିବା ଦେଖାଯାଇଛି। ସେହିଭଳି କେତେକ ସ୍ଥାନରେ ଓ୍ୱାୟାରିଂ ମଧ୍ୟ ଖରାପ ଥିବା ରୋଗୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ଅଭିଯୋଗ କରିଛନ୍ତି। କଟକ ବଡ଼ ଡାକ୍ତରଖାନା ଅଗ୍ନିକାଣ୍ଡ ଘଟଣା ନିକଟରେ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ନୟାଗଡ଼ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ହୀନତା ଅଘଟଣ ଆଶଙ୍କାକୁ ଏଡ଼ାଇ ଦେଇପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି।

## କୃଷ୍ଣପ୍ରସାଦ ବ୍ଲକରେ ସ୍ୱତନ୍ତ୍ର ବୈଠକ ‘ଆମ ବଜେଟ୍, ଆମେ ଜାଣିବା’



କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅମୀୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକରେ ଆମେ ଜାଣିବା ଆମ ବଜେଟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବିତ୍ତ ଅଧିକାରୀ ମନୋଜ ରଞ୍ଜନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ମଣ୍ଡଳ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ କୁମାର ରଥ, କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରଭାତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ଅମୀୟ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ବେଗା ହାଁସଦା, କନିଷ୍ଠ ଯନ୍ତ୍ରୀ ବିପ୍ଳବ କେଶରୀ ପ୍ରଧାନ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ, ସମେତ ବ୍ଲକର ସମସ୍ତ କର୍ମଚାରୀ ସମେତ ୨୧ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ର ବୈଠକରେ ଆମ ବଜେଟ ଉପରେ ବ୍ଲକ ମଙ୍ଗଳ ଅଧିକାରୀ ଶ୍ରୀ ପ୍ରତ୍ୟୁଷ କୁମାର ରଥ ବିତ୍ତ ଅଧିକାରୀ ମନୋଜ ରଞ୍ଜନ ସାହୁ ବଜେଟ ଆୟ ବ୍ୟୟ ସମ୍ପର୍କରେ ଆଲୋକପାତ କରି ଉପସ୍ଥିତ ଜନପ୍ରତିନିଧିଙ୍କୁ ଶୁଣାଇବା ସହ ପଞ୍ଚାୟତରାଜ ବିଭାଗରେ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ ତାହାର ସଦୁପଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ସରକାରଙ୍କ ମେଗା ପାନୀୟଜଳର ସଦୁପଯୋଗ ଓ ସମସ୍ତ ବ୍ୟକ୍ତି କିପରି ପାନୀୟଜଳର ସୁବିଧା ସୁଯୋଗ ପାଇ ପାରିବେ ସେ ଦିଗରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା ।

## ଶିଳ୍ପ ମନ୍ତ୍ରୀଙ୍କୁ ଓ୍ୱାକୋ କିକବକ୍ସିଂ ଫେଡେରେସନ କର୍ମକର୍ତ୍ତାଙ୍କ ସୌଜନ୍ୟ ମୂଳକ ସାକ୍ଷାତ

ପାରାଦୀପ, (ମହାଭାରତ) : ଓଡିଶା ଓ୍ୱାକୋ କିକବକ୍ସିଂ ଫେଡେରେସନ ର ଜଏଣ୍ଟ ସେକ୍ରେଟାରୀ ରଂଜନ କୁମାର ସୁତାର ଏବଂ କୃଷ୍ଣ ଚନ୍ଦ୍ର ଡାକୁଆ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ରାଜ୍ୟ ସ୍ତରରେ କିକ ବକ୍ସିଂ ତଥା ଆତ୍ମରକ୍ଷା ର ପ୍ରଚାର ପ୍ରସାର ପାଇଁ ମନ୍ତ୍ରୀ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ



କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜଗତସିଂହପୁର କିକ ବକ୍ସିଂ ସଂଘ ର ଉପସଭାପତି ଗଗନ ବିହାରୀ ରାଉତ ପ୍ରତ୍ୟକ୍ଷ ଭାବରେ ଜଗତସିଂହପୁର ଜିଲ୍ଲା ରେ କିକବକ୍ସିଂ କ୍ରୀଡା ର ପ୍ରଚାର ପ୍ରସାର ପାଇଁ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି । ତେବେ ମନ୍ତ୍ରୀଙ୍କ ସହ ଏହି ସୌଜନ୍ୟ ମୂଳକ ସାକ୍ଷାତ ଅବସରରେ ଜଗତସିଂହପୁର ଜିଲ୍ଲା ସଭାପତି ମାନସ ଦୋରା ଏବଂ ସେକ୍ରେଟାରୀ ତଥା ଜାତୀୟ ପ୍ରଶିକ୍ଷକ ଅମର ଜ୍ୟୋତି ରାଉତ, କୋଷାଧକ୍ଷ ରଞ୍ଜନ ବେହେରା, ଜଏଣ୍ଟ ସେକ୍ରେଟାରୀ ଦେବାଶିଷ ସାମନ୍ତରାୟ, ବିଚିତ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜେନ୍ଦ୍ରପୁର କପ ୨୦୨୬ ସିଜନ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଲାଞ୍ଜିଗଡ଼, (ମହାଭାରତ) : ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ଗ୍ରାମ ପଞ୍ଚାୟତ ଅଧିନସ୍ତ ବନ୍ଧପାରି ଖେଳ ପଡ଼ିଆ ଠାରେ ରାଜେନ୍ଦ୍ରପୁର କପ ୨୦୨୬ ସିଜନ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି।ପ୍ରଥମ ମ୍ୟାଚ୍ ପୁନିଗୁଡ଼ା ଓ ବେନଗାଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଏହି ମ୍ୟାଚରେ ପ୍ରଥମେ ପୁନିଗୁଡ଼ା ଦଳ ଟସ ଜିତି ବ୍ୟାଟିଙ୍ଗ କରିଥିବାବେଳେ ୧୦ ଓଭର ବିନିମୟରେ ୦୬ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା।ଏହାର ଜବାବରେ ବେନଗାଁ ଦଳ ୯ ଓଭର ୨ ବଲ ବିନିମୟରେ ୩ ଉଇକେଟ ହରାଇ ୧୧୯ରନ ସଂଗ୍ରହ କରି ପୁନିଗୁଡ଼ା ଦଳ ଠାରୁ ବିଜୟ ହାସଲ କରିଥିଲା।ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ରାଜେନ୍ଦ୍ରପୁର ଓ ଡାଙ୍ଗବାଡ଼ି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଉକ୍ତ ମ୍ୟାଚରେ ଡାଙ୍ଗବାଡ଼ି ଦଳ ଟସ ଜିତି ବ୍ୟାଟିଙ୍ଗ କରିଥିବାବେଳେ ୧୦ ଓଭର ବିନିମୟରେ ୭ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିବାବେଳେ ଏହାର ଜବାବରେ ରାଜେନ୍ଦ୍ରପୁର ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୧୦୧ରନ କରି ଡାଙ୍ଗବାଡି କ୍ରିକେଟ ଦଳ ଠାରୁ ପରାଜୟ ହୋଇଥିଲା।ଉକ୍ତ ଚାରି ଦଳ ମଧ୍ୟରୁ ବିଜୟୀ ହୋଇଥିବା ବେନଗାଁ ଓ ଡାଙ୍ଗବାଡ଼ି ଦଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।ଉକ୍ତ ସେମିଫାଇନାଲ ମ୍ୟାଚରେ ପୁଣି ବେନଗାଁ ଦଳ ଟସ ଜିତି ବ୍ୟାଟିଙ୍ଗ କରିଥିବାବେଳେ ୦୮ ଓଭରରେ ୦୩ ଉଇକେଟ ହରାଇ ୯୭ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଡାଙ୍ଗବାଡଡ଼ି ଦଳ ୭ ଓଭର ୩ବଲ ବିନିମୟରେ ୩ଉଇକେଟ ହରାଇ ୯୮ରନ ସଂଗ୍ରହ କରି ବେନଗାଁ ଦଳରୁ ବିଜୟୀ ହୋଇଥିଲା।ଉକ୍ତ ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗାଁସାଥି ପଦନାଭ ହରିଜନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶ୍ୟାମ ସୁନ୍ଦର ମାଝୀ ପ୍ରମୁଖ ଉପସ୍ଥିତ ରହି ଖେଳକୁ ଶୁଭାରମ୍ଭ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।ଉକ୍ତ ଉଦଘାଟନୀ ମ୍ୟାଚରେ ମହେଶ୍ୱର ମାଝୀ ଓ ଗୋପାଳ ବାଗ ଅମ୍ପିୟାର ଭାର ତୁଲାଇ ଖେଳ ପରିଚାଳନା କରିଥିଲେ ଓ ରାଜା ବନ୍ଧପାରିଆ ସ୍କୋର ବୋର୍ଡ ? ଦାୟିତ୍ୱ ତୁଲାଇଥିବାବେଳେ ଦୁରବା ହରିଜନ ଓ ରାଜେଶ ଧାମୁଡ଼ିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟ ଅପ୍ରେଲ ୮ ତାରିଖରେ ଆରମ୍ଭ ହୋଇଥିବାବେଳେ ଏଥିରେ ଆଖପାଖ ଅଞ୍ଚଳର ଆଠ ଗୋଟି ଦଳ ଭାଗ ନେଇଛନ୍ତି। ୧୦ ତାରିଖ ଶୁକ୍ରବାର ଏହାର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ରାଜେନ୍ଦ୍ରପୁର ଖେଳ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।ଉକ୍ତ ଟୁର୍ନାମେଣ୍ଟକୁ ଶଙ୍କର ମାଝୀ,ମଣ୍ଟୁ ମାଝୀ,ଅନଙ୍ଗ ମାଝୀ,ଦୂର୍ବା ହରିଜନ,କୁଳମଣି ବାଗ,ଖଗେଶ୍ୱର ମାଝୀ,ସୁନୀଲ ମାଝୀ,ସରୋଜ ମାଝୀ,ରୋହିତ ମାଝୀ,ଗୋପାଳ ବାଗ ସମେତ ରାଜେନ୍ଦ୍ରପୁର କ୍ରିକେଟ କମିଟିର ସମସ୍ତ ସଦସ୍ୟ ମାନେ ବିଶେଷ ସହଯୋଗ କରିଥିଲେ।

## କୁଜଙ୍ଗରେ ଦିବ୍ୟାଙ୍ଗ ମାନଙ୍କୁ ବ୍ୟାଟେରୀ ଚାଳିତ ଇ-ରିକ୍ସା ବଣ୍ଟନ କଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରାଦୀପ/କୁଜଙ୍ଗ, (ମହାଭାରତ) : କୁଜଙ୍ଗ ଠାରେ ଗୁରୁବାର ଦିନ ଆୟୋଜିତ “ଦିବ୍ୟାଙ୍ଗଜନଙ୍କ ନିମନ୍ତେ ସହାୟକ ଉପକରଣ ବିତରଣ ସମାରୋହ ଶିବିର”ରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ (ଆଇଓସିଏଲ), ପାରାଦ୍ୱୀପ ରିଫାଇନେରୀର ସିଏସ୍ଆର ଫଣ୍ଡ୍ ସହାୟତାରେ ଦିବ୍ୟାଙ୍ଗ ଭାଇ ଓ ଭଉଣୀ ମାନଙ୍କୁ ବ୍ୟାଟେରୀ ଚାଳିତ ଇ-ରିକ୍ସା ବଣ୍ଟନ କରିଥିଲେ । ଏହାଦ୍ୱାରା ସେମାନଙ୍କ ଦୈନନ୍ଦିନ ଚଳଣି ଓ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆସିପାରିବ ଏବଂ ଏହା ସେମାନଙ୍କୁ ସଶକ୍ତ ତଥା ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏହି ଇ-ରିକ୍ସା ବଣ୍ଟନ କାର୍ଯ୍ୟକ୍ରମରେ ଆଇଓସିଏଲ ପାରାଦୀପ ରିଫାଇନେରୀ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) କୌଶିକ ବସୁ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଦିବ୍ୟାଙ୍ଗମାନେ ହେଉଛନ୍ତି ଅସାଧାରଣ ପ୍ରତିଭାର ଅଧିକାରୀ । ସେମାନଙ୍କର ପ୍ରତିଭା କୌଣସି ଗୁଣରେ କମ୍ ନୁହେଁ । ଦିବ୍ୟାଙ୍ଗଙ୍କର ଉନ୍ନତି ପାଇଁ କାର୍ଯ୍ୟକରିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ଆମେ ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

## ବଜ୍ରପାତରେ ନାବାଳିକା ଗୁରୁତ୍ୱର, କ୍ୟାପିଟାଲ ସ୍ଥାନାନ୍ତର

ଅସ୍ତରଙ୍ଗ, (ମହାଭାରତ) : ଅଦିନିଆ କାଳବୈଶାଖୀ ପ୍ରଭାବ ରେ ପ୍ରଭାବିତ ହୋଇଛନ୍ତି ଉପକୂଳବାସୀ, ଗୁରୁବାର ଦିନ କାଳବୈଶାଖୀ ପ୍ରଭାବ ରେ ଅସ୍ତରଙ୍ଗ ଅଞ୍ଚଳ ରେ ମଧ୍ୟାହ୍ନ ସମୟରେ ପ୍ରବଳ ବର୍ଷା ସହିତ ଘଡଘଡି ବିଜୁଳି ମାରିଥିଲା। ଏହି ଅବସ୍ଥା ରେ ଅସ୍ତରଙ୍ଗ ବ୍ଲକ ଆଳସାହି ଗ୍ରାମ ରେ ଇନ୍ଦ୍ରମଣି ବେହେରାଙ୍କ ୧୦ ବର୍ଷୀୟା ନାବାଳିକା ଝିଅ ଟିଏ ଛାତଉପରେ ଖେଳୁଥିଲେ। ବଜ୍ରପାତ ସଂସ୍ପର୍ଶ ରେ ଆସି ଗୁରୁତ୍ୱର ଆହତ ହୋଇଥିଲେ, ତାଙ୍କୁ ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଣାଯାଇଥିଲା ମାତ୍ର ସେଠି ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି, ଯାହାକୁ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି।

## ମା’ କାଳିଜାଈ ଏସ ଏଚ ଜି ରେ ବଡ଼ ଧରଣର ଲୋନ୍ ଜାଲିଆତି ୨ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ

କୃଷ୍ଣପ୍ରସାଦ, (ମହାଭାରତ) : ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ, କୃଷ୍ଣପ୍ରସାଦ ବ୍ଲକ୍ ମାଣିକା ଗ୍ରାମପଞ୍ଚାୟତର ରାୟପୁର ଗ୍ରାମରୁ ଏକ ସାଂଘାତିକ ଠକେଇର ଚିତ୍ର ସାମ୍ନାକୁ ଆସିଛି। ଏଠାକାର ମା’ କାଳିଜାଈ ସ୍ୱୟଂ ସହାୟକ ଗୋଷ୍ଠୀର (ଏସ ଏଚ ଜି) ସଭାପତି ଓ ସମ୍ପାଦକଙ୍କ ବିରୋଧରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ସଦସ୍ୟମାନେ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ ଗ୍ରୁପ୍ ନାମରେ ବ୍ୟାଙ୍କରୁ ୬ ଲକ୍ଷ ଟଙ୍କା ର ଋଣ ଅନୁମୋଦନ ହୋଇଥିଲା। କିନ୍ତୁ ଗ୍ରୁପର ସଭାପତି ଓ ସମ୍ପାଦକ ଅନ୍ୟ ମହିଳା ସଦସ୍ୟମାନଙ୍କୁ ଅନ୍ଧାରରେ ରଖି କହିଥିଲେ ଯେ ମାତ୍ର ୪ ଲକ୍ଷ ଟଙ୍କା ଲୋନ୍ ଆସିଛି। ବାକି ୨ ଲକ୍ଷ ଟଙ୍କାକୁ ସେମାନେ ନିଜ ସ୍ୱାର୍ଥରେ ବ୍ୟବହାର କରିଥିବା ବେଳେ ଗତ ୬ ମାସ ହେଲା ବ୍ୟାଙ୍କରେ କୌଣସି




କିସ୍ତି ମଧ୍ୟ ଜମା କରିନାହାଁନ୍ତି। ଏହି ଘଟଣାର ଜନଶୁଣାଣୀ ପାଇ ବ୍ଲକ ଅଧିକାରୀ ଅମିତ ବିଶ୍ୱାଳ ତଦନ୍ତ ପାଇଁ ପଞ୍ଚାୟତ କୁ ଆସିଥିଲେ। ମାତ୍ର ତଦନ୍ତ ସମୟରେ ତାଙ୍କ ସହ କିଛି ସ୍ଥାନୀୟ କୁଜି ନେତାଙ୍କୁ ଦେଖିବାକୁ ମିଳିଥିଲା। ସରକାରୀ ତଦନ୍ତରେ ରାଜନୈତିକ ବ୍ୟକ୍ତିଙ୍କ ଉପସ୍ଥିତି ତଦନ୍ତର ସ୍ୱଚ୍ଛତା ଓ ନିରପେକ୍ଷତାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଲାଞ୍ଚ ନେଇ ଚୁପ୍ ଅଛନ୍ତି କି ଏମ ବି କେ ଓ ବ୍ୟାଙ୍କ ମିତ୍ର ଗ୍ରୁପର ସଦସ୍ୟମାନେ ସାଂଘାତିକ ଅଭିଯୋଗ କରିଛନ୍ତି ଯେ ୬ ମାସ ଧରି ଏତେ ବଡ଼ ଅନିୟମିତତା ଚାଲିଥିଲେ ମଧ୍ୟ ଏମ ବି କେ (ମାଷ୍ଟର ବୁକ୍ କିପର)ଓ ବ୍ୟାଙ୍କ ମିତ୍ର ଚୁପ୍ ରହିଲେ କେମିତି ? ସଦସ୍ୟମାନଙ୍କ ଦାବି ଅନୁଯାୟୀ, ଏହି ଦୁଇ କର୍ମଚାରୀ ପ୍ରତ୍ୟେକ ୫୦୦୦ ଟଙ୍କା ଲେଖାଏଁ ଲାଞ୍ଚ ନେଇ ଦୁର୍ନୀତିକୁ ଚପାଇ ଦେବାକୁ ଚେଷ୍ଟା କରିଛନ୍ତି। ଆହୁରି ମଧ୍ୟ ଧମକ ଚମକ ଦେଉଛନ୍ତି। ଶେଷରେ ନିରୁପାୟ ହୋଇ ଗ୍ରୁପ୍ ସଦସ୍ୟମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କ ହକର ୨ ଲକ୍ଷ ଟଙ୍କା ୬ ମାସର କିସ୍ତି ପଇଶା ତୁରନ୍ତ ଫେରସ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ଆସ ବହିଟିଏ କିଣିବା ଅଭିଯାନ ଅନୁଷ୍ଠିତ

ମାଲକାନଗିରି, (ମହାଭାରତ) : ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହେଉଥିବା ଓଡ଼ିଆ ଭାଷା ପକ୍ଷର ନବମ ଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆସ ବହିଟିଏ କିଣିବା ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ପୁସ୍ତକ ପଠନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭିଯାନକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମୁଖରେ ଆୟୋଜିତ ଏହି ସ୍ୱତନ୍ତ୍ର ପୁସ୍ତକ ଷ୍ଟଲରେ ସ୍ଥାନୀୟ ବିକ୍ରେତା ରାମ କୃଷ୍ଣ ଚୌଧୁରୀଙ୍କ ଦ୍ୱାରା ବିଭିନ୍ନ ରୁଚିର ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଥିଲେ ଯେ, ପୁସ୍ତକ ହେଉଛି ଜ୍ଞାନର ଆଲୋକ ଏବଂ ଆମ ସଂସ୍କୃତିର ପ୍ରକୃତ ପ୍ରତିଫଳନ। ବିଶେଷ କରି ଛାତ୍ରଛାତ୍ରୀମାନେ ବହି ସହ ବନ୍ଧୁତା କଲେ ଏକ ସମୃଦ୍ଧ ସମାଜ ଗଠନ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ସଂସ୍କୃତି ଅଧିକାରୀ ସନ୍ତୋସ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୁସ୍ତକ କ୍ରୟ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ପ୍ରଶାସନର ଏହି ପଦକ୍ଷେପକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜ ପସନ୍ଦର ବହି କିଣିବା ସହ ପଠନ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ।

## ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ସିଇଏମଏସ ସହଯୋଗରେ ବୈଷୟିକ ଶିକ୍ଷା ମାଧ୍ୟମରେ ଯୁବ ସଶକ୍ତିକରଣ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ, ’ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ମାରିଟାଇମ୍ ଆଣ୍ଡ ସିପ୍ ବିଲ୍ଡିଂ’ (ସିଇଏମଏସ) ର ସହଯୋଗରେ ଏହାର ସିଏସଆର ପାଣ୍ଠି ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଥମ ପ୍ରଶିକ୍ଷଣ ବ୍ୟାଚ୍ ସଫଳତାର ସହ ଶେଷ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହି ପଦକ୍ଷେପର ଅଭୁତପୂର୍ବ ସଫଳତା ପ୍ରଦର୍ଶନ କରି, ପ୍ରଥମ ପର୍ଯ୍ୟାୟରେ ମନୋନୀତ ୧୬୮ ଜଣ ଙ୍କ ମଧ୍ୟରୁ ପ୍ରଥମ ବ୍ୟାଚ୍ ?ର ୨୫ ଜଣ ଛାତ୍ରଛାତ୍ରୀ ୧୦୦% ନିଯୁକ୍ତି ହାସଲ କରିଛନ୍ତି। ଅଧିକାଂଶ ପ୍ରଶିକ୍ଷାର୍ଥୀ, ଯେଉଁମାନଙ୍କ ବୟସ ୨୦ ରୁ ୨୨ ବର୍ଷ ମଧ୍ୟରେ, ସେମାନେ କୋଏମ୍ବାଟୁର, ହୋସୁର, ହାଇଦ୍ରାବାଦ, କୋଲକାତା, ବାଙ୍ଗାଲୋର ଏବଂ ବିଶାଖାପାଟଣା ଭଳି ପ୍ରମୁଖ ସହରଗୁଡିକରେ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ପାରାଦୀପ ବନ୍ଦରରେ ଗୁରୁବାର ଦିନ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଶିକ୍ଷାର୍ଥୀଙ୍କ ସଫଳତାକୁ ସ୍ୱୀକୃତି ଦିଆଯାଇଥିଲା ଏବଂ ’ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ’ କାର୍ଯ୍ୟକ୍ରମ ସଫଳତାର ସହ ଶେଷ କରିଥିବା ୨୫ ଜଣ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହା ଏହି ବୃହତ ପ୍ରଶିକ୍ଷଣ ଅଭିଯାନର ପ୍ରଥମ ପର୍ଯ୍ୟାୟକୁ ପ୍ରତିଫଳିତ କରିଛି ।

ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ, ଉପାଧ୍ୟକ୍ଷ ଟି.ଭେନୁଗୋପାଳ, ସଚିବ କୃଷ୍ଣା ବାପି ରାଜୁ ଜି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସିଇଏମଏସ ପକ୍ଷରୁ ଅବସରପ୍ରାପ୍ତ ମୁଖ୍ୟ ପରିଚାଳନା ଅଧିକାରୀ କମାଣ୍ଡର ଗୋପୀ କ୍ରିଷ୍ଣା ସିଭମ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି ଯେ, ଏହି ଅଭିଯାନ ସ୍ୱତନ୍ତ୍ର ଭାବେ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ଉଦ୍ଦିଷ୍ଟ। ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଏବଂ ବୃତ୍ତିଗତ ଅଭିବୃଦ୍ଧି ଦିଗରେ ଏକ ପ୍ରମୁଖ ପଦକ୍ଷେପ। ପାରାଦୀପ ବନ୍ଦର ପ୍ରାଧିକରଣ ର ଏହି କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ୪୦ ଲକ୍ଷ ଟଙ୍କା ଆବଣ୍ଟନ କରିଛି। ବର୍ତ୍ତମାନ ଏକାସାଙ୍ଗରେ ଛଅଟି ବ୍ୟାଚ୍ ଚାଲିଛି, ଯେଉଁଥିରେ ବାର୍ଷିକ ପ୍ରାୟ ୧୪୦ ରୁ ୧୬୦ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହାର ସଫଳତାକୁ ଦେଖି ବନ୍ଦର ପକ୍ଷରୁ ସିଇଏମଏସ କୁ ଜାହାଜ ନିର୍ମାଣ, ଜାହାଜ ମରାମତି ଏବଂ ସାମୁଦ୍ରିକ କାର୍ଯ୍ୟକଳାପକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଉତ୍ସାହିତ କରାଯାଇଛି। ସୂଚନାଯୋଗ୍ୟ ଯେ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ଏବଂ ଇଣ୍ଡିଆନ୍ ରେଜିଷ୍ଟର ଅଫ୍ ସିପିଂ ଦ୍ୱାରା ପ୍ରୋତ୍ସାହିତ ସିଇଏମଏସ, ୨୦୧୯ ମସିହାରୁ ସାରା ଦେଶରେ ୨୫,୦୦୦ ରୁ ଅଧିକ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇସାରିଛି। ଏହି ପଦକ୍ଷେପ ଆଗାମୀ ଦିନରେ ଅଧିକ ବ୍ୟାଚ୍ ସହିତ ଜାରି ରହିବ, ଯାହା ସ୍ଥାନୀୟ କର୍ମଜୀବୀଙ୍କ ବିକାଶରେ ସହାୟକ ହେବା ସହ ଅଞ୍ଚଳର ଶିଳ୍ପ ଅଭିବୃଦ୍ଧିରେ ସହଯୋଗ କରିବ ବୋଲି ପାରାଦୀପ ବନ୍ଦର ପ୍ରାଧିକରଣ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ରୁ ପ୍ରକାଶ ।

## ସାମାନ୍ୟ ବର୍ଷାରେ ଉବୁଟୁବୁ ଚିକେନ ମାର୍କେଟ



କପ୍ତିପଦା -(ମହାଭାରତ ):କପ୍ତିପଦା - ସାମାନ୍ୟ ବର୍ଷାରେ ବେହାଲ ଉଦଳା ଏନ୍ଏସି ୧୨ ନମ୍ବର ୱାର୍ଡ ରେ ଥିବା ଚିକେନ ମାର୍କେଟ ।ଆଜି ସକାଳୁ ସାମାନ୍ୟ ବର୍ଷା ହେବା ଫଳରେ ଚିକେନ ମାର୍କେଟରେ ପାଣି ଉବୁଟୁବୁ ।ଯାହା ଦ୍ଵାରା କି ଦେଖିବାକୁ ମିଳିଛି ଗ୍ରାହକମାନେ ସେହି ପାଣି ଦେଇ ଚିକେନ କିଣିବାକୁ ଯାଉଛନ୍ତି ।ଉଦଳା ଏନ୍ଏସି ରେ ଥିବା ଚିକେନ ଏଂ ମୋଟନ୍ ସେ□ର୍ ଗୁଡ଼ିକୁ ୧୨ ନମ୍ବର ୱାର୍ଡ ରେ ଥଇଥାନ କରାଯାଇଥିଲା ।ତେବେ ଉକ୍ତ ସ୍ଥାନରେ ସ୍ଥାନୀୟ ଜଗଉ ପକ୍ଷରୁ ଦୋକାନୀମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇନଥିବା ବେଳେ ଆସୋନ୍ତୋଷ ପ୍ରକାଶ ପାଇଛି ।

## ନାଗେଶ୍ଵର ମନ୍ଦିରରୁ ଲୁଟ୍: ଦାନପେଡି ଭାଙ୍ଗି ସୁନା, ରୂପା ଅଳଙ୍କାର ସହ ନଗଦ ଟଙ୍କା ଚୋରି

ବିଷମ କଟକ(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଡୁକୁମ୍ ରାସ୍ତାରେ ଅବସ୍ଥିତ ପ୍ରସିଦ୍ଧ ନାଗେଶ୍ଵର ମନ୍ଦିରରେ ଗତ ବିଳମ୍ବିତ ରାତିରେ ଏକ ବଡ଼ଧରଣର ଚୋରି ହୋଇଯାଇଛି । ଅଜଣା ଦୁର୍ବୃତ୍ତମାନେ ମନ୍ଦିରରୁ ସୁନା ଓ ରୂପାର ମୂଲ୍ୟବାନ ଅଳଙ୍କାର ସମେତ ଦାନପେଡି ଭାଙ୍ଗି ବିପୁଳ ପରିମାଣର ନଗଦ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ଗତକାଲି ରାତିରେ ଦୁର୍ବୃ□ମାନେ ମନ୍ଦିର ପରିସରରେ ପ୍ରବେଶ କରି ମନ୍ଦିରର ଗ୍ରିଲ୍ ଓ କବାଟ ତାଲା ଭାଙ୍ଗି ଭିତରକୁ ପଶିଥିଲେ । ସେଠାରେ ଥିବା ଦାନପେଡିକୁ ଭାଙ୍ଗି ସମସ୍ତ ନଗଦ ଟଙ୍କା ସହ ପ୍ରଭୁଙ୍କର ସୁନା ଓ ରୂପା ଅଳଙ୍କାର ଲୁଟି ନେଇ ସହଜରେ ଫେରାର ହୋଇଯାଇଛନ୍ତି । ଆଜି ସକାଳେ ପୂଜକ ଚିନ୍ତାମଣି ସାବତ ମନ୍ଦିର ଖୋଲିବା ବେଳକୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ ।ଏ ନେଇ ପୂଜକ ଓ ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବିଭିଓ ଦିଗକୁ ଅନୁଧ୍ୟାନ କରୁଛି । ଚୋରି ହୋଇଥିବା ସାମଗ୍ରୀ ର ମୂଲ୍ୟ ପ୍ରାୟ ପାଞ୍ଚଲକ୍ଷ ହେବାର ଅନୁମାନ କରାଯାଉଛି । ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛିୟ ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିବା ବେଳେ, ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ଓଡ଼ିଆ ପକ୍ଷ ଉପଲକ୍ଷେ ଆର୍. ଡି. ଏସ୍. କଲେଜର ରକ୍ତଦାନ ଶିବିର ଅନୁଷ୍ଠିତ



କପ୍ତିପଦା -(ମହାଭାରତ ): କପ୍ତିପଦା -କୁଣ୍ଡାବାଇ ସ୍ଥିତ ଆର୍.ଡି.ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ମିଳିତ ସହଯୋଗରେ ଏକ ସ୍ଵେଚ୍ଛାକୃତ ରକ୍ତ ଦାନ ଶିବିର ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ପୌରହିତ୍ୟରେ ତା ୦୮. ୦୪. ୨୦୨୬ ରେ ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଅଧକ୍ଷ ଡ. ଗିରି ଉଦଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ମୋଟ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା, । ଉକ୍ତ ଶିବିରକୁ ଯୁବ ରେଡ୍ କ୍ରସ ସଂଯୋଜକ ଅଣୁଜୀବ ବିଜ୍ଞାନ ବିଭାଗର ଅଧ୍ୟାପକ ରାଜେଶ କୁମାର ରାଉତରାୟ ଓ ମହିଳା ରେଡକ୍ରସ ସଂଯୋଜିକା ଅଧ୍ୟାପିକା ଡ. ଦିବ୍ୟାରାଣୀ ତ୍ରିପାଠୀ, ଏନ୍ ଏସ୍ ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓମ ପ୍ରକାଶ ଶତପଥୀ ଙ୍କ ସମେତ ଅଧ୍ୟାପକ ସୁବ୍ରତ କୁମାର ବେହେରା, ଶୁଭକାନ୍ତ ସାହୁ,, ମହେନ୍ଦ୍ର ବିନ୍ଧାଣୀ, ଜ୍ୟୋତି ପ୍ରକାଶ ପଣ୍ଡା ଓ ଅଧ୍ୟାପିକା ମଧୁସ୍ମିତା ପରିଡା ପ୍ରମୁଖ ପରିଚାଳନା କରିଥିଲେ । ଏହି ଶିବିରରେ ଉଦଳା ରକ୍ତ ଭଣ୍ଡାରର ନର୍ସିଂ ଅଧିକାରୀ ବିଷ୍ଣୁପ୍ରିୟା ଘୋଷ , ଲାବୋରଟୋରୀ ଟେକ୍ନିସିଆନ୍ କୃଷ୍ଣ ଚନ୍ଦ୍ର ମାର୍ଣ୍ଡି, ଭୀମସେନ୍ ନାୟକ, ଡିଏମ୍ଏ ପ୍ରଦୀପ କୁମାର ଦଲେଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ କର୍ମଚାରୀ, ଛାତ୍ରଛାତ୍ରୀ, ଯୁବ ରେଡ୍ କ୍ରସ୍ ଓ ଏନ୍ ଏସ୍ ଏସ୍ ସ୍ଵେଚ୍ଛାସେବୀ ସାମିଲ ହୋଇ କାର୍ଯ୍ୟକ୍ରମକୁ ସହଯୋଗ କରି ସଫଳ କରିଥିଲେ ।

## ଅବସରପ୍ରାପ୍ତ ଆର.ଆଇଙ୍କ ପରଲୋକ

ଏରସମା (ମହାଭାରତ): ଅବସରପ୍ରାପ୍ତ ଆର.ଆଇ ଦେବେନ୍ଦ୍ର ନାଥ ମହାପାତ୍ରଙ୍କ ୭୪ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଳମଙ୍ଗା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିଓ ତହସିଲରେ ତାଙ୍କ ସରକାରୀ ଚାକିରୀ ଜୀବନ ବିତାଇଥିଲେ । ଅବସର ସମୟରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ତହସିଲରୁ ଅବସର ଗ୍ରହଣ କରିଥିଲେ। ଦୀର୍ଘ ଦିନ ଧରି ହୃଦ୍ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ଵରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ଦେହାନ୍ତ ହୋଇଯାଇଛ। ଶେଷରେ ତାଙ୍କ ନିଜ ଜନ୍ମ ମାଟି ସଳମଙ୍ଗା ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏକମାତ୍ର ପୁତ୍ର ଅଭିଜିତ ମହାପାତ୍ର ମୁଖାଗ୍ନି ପ୍ରଦାନ କରିଥିବା ବେଳେ ଅନ୍ୟ ବନ୍ଧୁ ପରିବାର ବର୍ଗ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଯୋଗାଣ ବିଭାଗ ତହସିଲଦାର କାର୍ଯ୍ୟନିର୍ବାହୀ ଅଧିକାରୀ ପୋଲିସ ମିଳିତ ଚଢ଼ାଉ ୭ ସିଲିଣ୍ଡର ଜବତ



ଆସିକା (ମହାଭାରତ):ଆସିକା ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୫ର ବିଭିଓ ତେଜରାତି ଦୋକାନରେ ଗ୍ୟାସ ସିଲିଣ୍ଡରର କଳା ବଜାରୀ ନେଇ ଏନଫୋର୍ସମେ□ ଟିମ ଚଢ଼ାଉ ।ଦିଲେଶ୍ୱର ତେଜରାତି ଦୋକାନରେ ୦୫ ଗୋଟି ଖାଲି ସିଲିଣ୍ଡର ଏବଂ ୦୨ ଗୋଟି ଭର୍ତି ଥିବା ଗ୍ୟାସ ସମେତ ମୋଟ ୦୭ ଗୋଟି ସିଲିଣ୍ଡର କୁ ଜବତ କରି ସ୍ଥାନୀୟ ହିନ୍ଦୁସ୍ତାନ ପେଟ୍ରୋଲିୟମ ଗ୍ୟାସ ଡିଷ୍ଟ୍ରିବ୍ୟୁଟର କୁ ପ୍ରଦାନ କରିଛି ପୋଲିସ । ଗତ କିଛି ଦିନ ହେବ ମଧ୍ୟପ୍ରାଚ୍ୟରେ ଲାଗିଥିବା ଯୁଦ୍ଧ ଯୋଗୁଁ ଗ୍ୟାସ ଯୋଗାଣ ବନ୍ଦ ହୋଇଥିବା ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଗ୍ୟାସ ସିଲିଣ୍ଡର ପିଛା ୦୨ ହଜାର ରୁ ୩ହଜାର ଟଙ୍କାରେ ବିକ୍ରି କରୁଥିବା ପ୍ରଶାସନ ନିକଟରେ ଅଭିଯୋଗ ପରେ ବିଶେଷ ସୂତ୍ରରୁ ଖବର ପାଇଁ ଆସିକା ବ୍ଲକର ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା ଙ୍କ ସଂଯୋଜନା ରେ ଅତିରିକ୍ତ ତହସିଲଦାର ଅମରେଶ ସାବତ, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଆସ୍କା ଥାନା ଏସ ଆଇ କୈଳାସ ସାହୁ ପ୍ରମୁଖ ମହାତ୍ମା ଗାନ୍ଧୀ ରୋଡ ର ତ୍ରିବିଧେଶ୍ୱର ଛକ ଉପରେ ଥିବା ଇ.ଦିଲେଶ୍ୱର ପାତ୍ର ଙ୍କ ତେଜରାତି ଦୋକାନ ଏବଂ ନିକଟସ୍ଥ ବିଶ୍ୱ ଭବନ ହୋଟେଲ ଉପରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ଇ.ଦିଲେଶ୍ୱର ପାତ୍ର ଙ୍କ ତେଜେରାତି ଦୋକାନରୁ ୨ଗୋଟି ଭର୍ତ୍ତି ଗ୍ୟାସ ସିଲିଣ୍ଡର ଓ ୫ଗୋଟି ଖାଲି ଗ୍ୟାସ ସିଲିଣ୍ଡର ଜବତ କରି ଆସିକା ବାଲାଜୀ ହିନ୍ଦୁସ୍ତାନ ପେଟ୍ରୋଲିୟମ ଗ୍ୟାସ ଡିଷ୍ଟ୍ରିବ୍ୟୁଟରଙ୍କୁ ହସ୍ତାନ୍ତର କରାଯାଇଛି। ଏହି ବେଆଇନ ଗ୍ୟାସ ବିକ୍ରି ଘଟଣାକୁ ଅତି ଆବଶ୍ୟକ ଦ୍ରବ୍ୟ ଆଇନ ୧୯୫୫ ପ୍ରକାର ରେ ଗଞ୍ଜାମ ଜିଲ୍ଲାପାଳ ଙ୍କ କୋର୍ଟ ରେ ଯୋଗାଣ ଅଧିକାରୀ କେସ କୁ ଦୟାର କରାଯିବ ବୋଲି କହିଛନ୍ତି । ଏହି ଚଢ଼ାଉ ଫଳରେ ଚୋରା ବେପାରୀ ମାନଙ୍କ ଭୟ ସୃଷ୍ଟି ହେବା ସହ ସାଧାରଣ ବଣ୍ଟନ ବ୍ୟବସ୍ଥା ସୁଚାରୁରୂପେ ଚଳିବ । ଏଭଳି ଚଢ଼ାଉ ଜାରି ରହିବ ବୋଲି ଅଧିକାରୀ ମାନେ ପ୍ରକାଶ କରିଛନ୍ତି ।

## ଲୋପ ପାଇବାକୁ ବସିଛି ବାଉଁଶ ଶିଳ୍ପ: ସଙ୍କଟରେ କାରିଗରଙ୍କ ଜୀବିକା



ଗଣିଆ/ଦଶପଲ୍ଲା (ମହାଭାରତ): ଆଧୁନିକତାର ଚକାତଳେ ଚାପି ହୋଇଯାଉଛି ପାରମ୍ପରିକ କଳା ଓ ସଂସ୍କୃତିୟ ଦିନେ ଦଶପଲ୍ଲା ଅଞ୍ଚଳର ପଛୁଆ ବର୍ଗର ଲୋକ ବାସ କରୁଥିବା ଗାଁକୁ ଗଲେ ଶୁଭୁଥିଲା ବାଉଁଶ ଚିରାର ଶବ୍ଦ ଏବେ ଧୀରେ ଧୀରେ ହଜିଯିବାକୁ ବସିଛି । ଓଡ଼ିଶାର ଗ୍ରାମୀଣ ଅର୍ଥନୀତିର ଅନ୍ୟତମ ମୁଖ୍ୟ ଆଧାର ଥିବା ବାଉଁଶ ତିଆରି ସାମଗ୍ରୀ ଓ ଏହା ଉପରେ ନିର୍ଭର କରୁଥିବା କାରିଗରମାନେ ଏବେ ଚରମ ସଙ୍କଟ ଦେଇ ଗତି କରୁଛନ୍ତି । ପ୍ଲାଷ୍ଟିକର ପ୍ରାଦୁର୍ଭାବ ଓ ବଦଳୁଥିବା ସମୟଗୋଟିଏ ସମୟ ଥିଲା ଯେତେବେଳେ ଘରର ପ୍ରତିଟି କାମରେ ବାଉଁଶ ତିଆରି କୁଲା, ଟୋକେଇ, ପାଛିଆ, ବିଞ୍ଚଣା ଓ ଡଲା ବ୍ୟବହୃତ ହେଉଥିଲା । ବିଶେଷକରି ଓଡ଼ିଆ ଘରର ପର୍ବପର୍ବାଣି ଓ ଶୁଭକାର୍ଯ୍ୟରେ ଏହି ସାମଗ୍ରୀର ଚାହିଦା ବହୁତ ରହୁଥିଲା । ମାତ୍ର ବଜାରରେ ଶସ୍ତା ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ଯୋଗୁଁ ଏହି ପ୍ରାକୃତିକ ଶିଳ୍ପ ଏବେ କୋଣଠେସା ହୋଇପଡ଼ିଛି । କଞ୍ଚାମାଲର ଅଭାବ ଓ ପରିଶ୍ରମର ମୂଲ୍ୟ କାରିଗରମାନଙ୍କ କହିବା କଥା, ବଜାରରେ କଞ୍ଚା ବାଉଁଶର ଦର ଆକାଶଛୁଆଁ ହେବା ସହ ଏହା ସହଜରେ ମିଳୁନାହିଁ । ଦିନସାରା ପରିଶ୍ରମ କରି ଗୋଟିଏ ଟୋକେଇ କିମ୍ବା କୁଲା ତିଆରି କଲେ ମଧ ସେହି ଅନୁପାତରେ ଉଚିତ ମୂଲ୍ୟ ମିଳୁନାହିଁ । ଘୋଳାହାଣ୍ଡି ର ବାଉଁଶ କାରୀଗରଙ୍କ କହିବା ଅନୁଯାୟୀ ନୂତନ ପିଢ଼ିର ଯୁବକମାନେ ଏହି କୁଳବୃତ୍ତିକୁ ଛାଡ଼ି ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାୟନ କରୁଛନ୍ତି । ଏହି ପାରମ୍ପରିକ ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ସରକାରୀ ସ୍ତରରେ ବିହିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କାରିଗରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ, ସରକାରୀ ପ୍ରଦର୍ଶନୀ ଓ ମେଳା ମାଧ୍ୟମରେ ଏହି ସାମଗ୍ରୀର ବିକ୍ରୟ ପାଇଁ ସୁଯୋଗ, ଆଧୁନିକ ଚାହିଦା ମୁତାବକ ବାଉଁଶରୁ ଶୋ-ପିସ୍ ଓ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଉଚ୍ଚତମାନର ତାଲିମ । ଯଦି ସମୟ ଥାଉ ଥାଉ ଏହି କାରିଗରମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆନଯାଏ, ତେବେ ଆଗାମୀ ଦିନରେ ବାଉଁଶ ଶିଳ୍ପ କେବଳ ପାଠ୍ୟପୁସ୍ତକ ଓ ସଂଗ୍ରହାଳୟରେ ସୀମିତ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## କତଲକଇଠା ଗ୍ରାମ ଠାକୁରାଣୀଙ୍କ ନବ ନିର୍ମାଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦଯାପିତ

ପାରଳାଖେମୁଣ୍ଡି(ମହାଭାରତ):ପାରଳା ସହର ସନ୍ନିକଟ କତଲକଇଠା ଗ୍ରାମରେ ମା ଶିତଳୟୀ (ଜାଡିମା) ଠାକୁରାଣୀଙ୍କ ନବ ନିର୍ମାଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଚଳିତ ମାସ ୦୬ ତାରିଖ ସୋମବାରଠାରୁ ଆରମ୍ଭ ହୋଇ ଠାରୁ ୦୮ ତାରିଖ ବୁଧବାର ପର୍ଯ୍ୟନ୍ତ ଜାରି ରହିଥିଲା । ଏହି ମାଙ୍ଗଳିକ କାର୍ଯ୍ୟ ଅବସରରେ ପ୍ରତ୍ୟେକ ଦିନ ଘୃତଯଜ୍ଞାଦି କର୍ମମାନ ଅନୁଷ୍ଠିତ ହୋଇଥିଲା । ଏବଂ ପ୍ରତିଦିନ ମଧ୍ୟାହ୍ନ ଘ. ୧୨:୦୦ ସମୟରେ ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦିର ନିର୍ମାଣ କମିଟିର ମୁଖ୍ୟ ଶ୍ରୀ ବିପ୍ରଚରଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ଅବସରରେ ସମସ୍ତ ଗ୍ରାମବାସୀ ନିଷ୍ଠାର ସହ ମାଙ୍କ ପୂଜାର୍ଚ୍ଚନା କରିବା ସହ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ସହଯୋଗ କରିଥିଲେ । ଦ୍ୱିତୀୟ ଦିବସରେ ମହେନ୍ଦ୍ର ତନୟା ନଦୀର ବାରୁଣୀ ଘାଟରୁ କଳସରେ ପବିତ୍ର ଜଳ ସଂଗ୍ରହ କରି ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ମା ଙ୍କ ମନ୍ଦିର ନିକଟରେ ପହଞ୍ଚି ଦିନତମାମ ପୁଜାର୍ଚ୍ଚନା କରିଥିଲେ ।ନିଜ ଗ୍ରାମଠାରୁ ବାହାରେ ରହୁଥିବା ସମସ୍ତ ଗ୍ରାମବାସୀ ଏହି ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ପାଇଁ ଗ୍ରାମକୁ ଛୁଟି ଆସିଥିବାର ଦେଖାଯାଇଛି । ଏହି ଅବସରରେ ସମଗ୍ର ଗ୍ରାମ ଓ ପୂଜାସ୍ଥଳୀକୁ ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି ।ଶେଷ ଦିବସରେ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ସହ ମାଙ୍କ ପ୍ରତିମାକୁ ନୂତନ ମନ୍ଦିର ପରିସରରେ ପ୍ରତିଷ୍ଠା କରାଯାଇଥିଲା । ଏହି ଅବସରରେ କତଲକଇଠା ଓ ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଆସି ଯୋଗ ଦେବା ସହ ମାଙ୍କର ଆଶିଷ ଲାଭ କରିଥିଲେ ।

## ଲକ୍ଷ୍ମୀପୁରରେ ଅବୈଧ ବାଲି ଓ ମେଟାଲ ଚିପ୍ସ ଚାଲାଣରେ ବଡ଼ ଚଢ଼ାଉ, ୧୫ଟି ଗାଡ଼ି ଅଟକ



ଲକ୍ଷ୍ମୀପୁର, (ମହା ଭାରତ):ଲକ୍ଷ୍ମୀପୁର ଅଞ୍ଚଳରେ ଦୀର୍ଘଦିନ ଧରି ଚାଲୁଥିବା ଅବୈଧ ବାଲି ଓ ମେଟାଲ (ଚିପ୍ସ) ଚାଲାଣ ବିରୋଧରେ ଆଜି ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି । ଲକ୍ଷ୍ମୀପୁର ପୋଲିସ ଓ ଙଗଉ ଟିମ୍ର ଯୁକ୍ତ ଅଭିଯାନରେ ବିଶେଷ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ମୋଟ ୧୫ଟି ଗାଡ଼ିକୁ ଅଟକ କରାଯାଇଥିବା ସୂଚନା ମିଳିଛି । ଅଟକ ହୋଇଥିବା ଗାଡ଼ିମାନଙ୍କ ମଧ୍ୟରେ ୬ଟି ଓଭରଲୋଡ୍ ବାଲି ବୋଝାଇ ଟ୍ରକ୍ ଓ ୯ଟି ମେଟାଲ ଚିପ୍ସ ବୋଝାଇ ଗାଡ଼ି ରହିଛି । ଏହି ସମସ୍ତ ଗାଡ଼ିକୁ ବର୍ତ୍ତମାନ ଲକ୍ଷ୍ମୀପୁର ଥାନାରେ ରଖାଯାଇଛି ଓ ଏନେଇ ତଦନ୍ତ ଜାରି ରହିଛି । ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ବହୁଦିନ ଧରି ବିନା ଅନୁମତି ଓ ଓଭରଲୋଡ୍ ଭାବେ ବାଲି ଓ ମେଟାଲ ଚିପ୍ସ ପରିବହନ ହେଉଥିବା ଅଭିଯୋଗ ଥିଲା । ଏହାକୁ ଗୁରୁତ୍ୱ ଦେଇ ପୋଲିସ ଓ ଙଗଉ ପକ୍ଷରୁ ଏହି ଯୁକ୍ତ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟାନୁଷ୍ଠାନ ପରେ ଅଞ୍ଚଳରେ ଅବୈଧ ଚାଲାଣ ଉପରେ କେତେଦୂର ପର୍ଯ୍ୟନ୍ତ ନିୟନ୍ତ୍ରଣ ଆସିବ, ସେଥିପାଇଁ ସ୍ଥାନୀୟ ଲୋକଙ୍କ ନଜର ରହିଛି ।

## ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର

ଦଶପଲ୍ଲା,(ମହାଭାରତ): ଆର୍ଥିକ ବର୍ଷ ୨୦୨୫-୨୬ ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଗଏଘଜରଏଇ) ସମ୍ବନ୍ଧୀୟ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଦଶପଲ୍ଲା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଶିବିରରେ ବିଭିଓ ଗ୍ରାମପ□ାୟତର ଶ୍ରମିକ ଓ ଲାଭାନ୍ୱିତମାନେ ଯୋଗଦେଇ ଯୋଜନା ସମ୍ବନ୍ଧୀୟ ତାଙ୍କର ଅଭିଯୋଗ, ଅସୁବିଧା ଓ ଅନୁଭବ ଉପସ୍ଥାପନ କରିଥିଲେ ।କାମ ବଣ୍ଟନ, ମଜୁରି ପ୍ରଦାନରେ ବିଳମ୍ବ, ଓ କାର୍ଯ୍ୟର ଗୁଣମାନ ନେଇ କିଛି ଅଭିଯୋଗ ଆସିଥିଲା । ଅଧିକାରୀମାନେ ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱ ସହ କ୍ଷେତ୍ରସ୍ତରରେ ସମାଧାନ କରିବାକୁ ଆଶ୍ୱାସନ ଦେଇଥିଲେ । ସେହିପରି, ଯୋଜନାରେ ପାରଦର୍ଶିତା ଓ ଜବାବଦେହିତା ବୃଦ୍ଧି ପାଇଁ ସାମାଜିକ ନିରୀକ୍ଷଣକୁ ଆହୁରି ସୁଦୃଢ଼ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା ।ଏହି ଜନଶୁଣାଣୀ ଶିବିରରେ ନୟାଗଡ ଅତିରିକ୍ତ ଜିଲ୍ଲାପାଳ କର୍ଣ୍ଣଦେବ ସମର୍ଦ୍ଦାର, ଡି ଏସ ଏ ସୁନୀଲ ପରିଡା , ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ସମେତ ସରପଞ୍ଚ, ସମିତି ସଭ୍ୟ, କେତେକ ବିଭାଗ ର କର୍ମଚାରୀ ଉପସ୍ଥିତ ଥିଲେ । ଏପରି ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ଉନ୍ନୟନ ଯୋଜନାର ସଫଳତାକୁ ଆହୁରି ମଜବୁତ କରାଯିବ ବୋଲି ମତ ପ୍ରକାଶ ପାଇଛି ।

## ଓଡ଼ିଶା ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ



ଗଜପତି(ମହାଭାରତ): ଓଡ଼ିଶା ପକ୍ଷ ପାଳନ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନାଗା ଓ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମନୋରମା ଦେବୀ ଓ ଅବକାରୀ ଅଧୀକ୍ଷକ ଶ୍ରୀ ପ୍ରଦୀପ କୁମାର ସାହୁ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଆ ପକ୍ଷ ପାଳନର ଅବସରରେ ପ୍ରତ୍ୟେକ ନାଗରିକ ଓ ବ୍ୟକ୍ତି ବିଶେଷଙ୍କୁ ଉତ୍ସାହିତ କରିବା ସହ ଆସ ବହିଟିଏ କିଣିବା ଆମ ମାତୃଭାଷା ଆମ ସ୍ୱାଭିମାନକୁ ବଳବ□ର ରଖି ଓଡ଼ିଆ କବି, କବୟିତ୍ରୀ , ପ୍ରାବନ୍ଧିକ,ଲେଖକ ଙ୍କୁ ଉତ୍ସାହିତ କରିବା ଓଡ଼ିଆ ରେ ନୂତନ ସୃଷ୍ଟିର ଆବିଷ୍କାର ସହ ନୂତନ ପାଠକ ପାଠିକା ନିର୍ମାଣ କରି ସମାଜକୁ ଦିଗଦର୍ଶନ ପ୍ରଦାନ କରିବାରେ ସହାୟକ ହୋଇପାରିବ । ସେହିପରି ଜିଲ୍ଲା ସମସ୍ତ ବ୍ଲକ କାର୍ଯ୍ୟାଳୟ ରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛ।

## ପକାରୀରେ ଅନୁଷ୍ଠିତ ହେଲା ପ୍ରଥମ ବାର୍ଷିକ ପଞ୍ଚଶମ୍ଭୁ ମହାମିଳନ



କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପକାରୀ ପଞ୍ଚାୟତ ରେ ପ୍ରଥମ ବାର୍ଷିକ ପଞ୍ଚ ଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ଏହି ପଞ୍ଚ ଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ କୁ ପଞ୍ଚ ଶମ୍ଭୁ ପରିଚାଳନା କମିଟି ଆୟୋଜନ କରିଥିବା ବେଳେ କମିଟି ର ସଭାପତି ଡୁଣ୍ଡେରା କହଁର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଚଳିତ ବର୍ଷ ପକାରୀ,କାଶିନିପଦର,ସୁମରବନ୍ଧ କେରେଙ୍ଗେଲି, ଓ ବାଲିଗଟା ପାଞ୍ଚଟି ଦଣ୍ଡ ଥଳ ନିଜ ନିଜର ପାରମ୍ପରିକ ଦଣ୍ଡ ନୃତ୍ୟ ପରିବେଷଣ କରିଥିଲେ । ସକାଳ ନଅ ଟା ସମୟରେ ସମସ୍ତ ଦଣ୍ଡ ଥଳ ମନ୍ଦିର ପରିକ୍ରମା । କରିସାରିଲା ପରେ ବନ୍ଦନା ସାରି ଦିନ ଏଗାର ଟା ରେ ଧୂଳି ଦଣ୍ଡ ସହ ବିଭିଓ ନୃତ୍ୟ ପରିବେଷଣ ପରେ ଅପରାହ୍ନ ଚାରିଟା ସମୟରେ ଜଳ ଘାଟ ସାରି ସନ୍ଧ୍ୟା ପା□ଟା ସମୟରେ ଶିବ ମନ୍ଦିର ପ୍ରାଙ୍ଗଣରେ ପଞ୍ଚ ଶମ୍ଭୁ, ପଞ୍ଚ ଦଣ୍ଡ, ମିଳନ ଅନୁଷ୍ଠିତ ହୋଇଥିଲା ଓ ରାତ୍ର ଏଗାର ଟା ସମୟରେ ଦଣ୍ଡ ଚରିତ୍ର ନାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ସକାଳ ସାତ ଘଣ୍ଟା ସମୟରେ ବୀଣାକାର ମେଳଣ ସହ ଦଣ୍ଡ ମେଲାଣି ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ପରିଚାଳନା କମିଟି ତରଫରୁ ସୂଚନା ମିଳିଛି । ପରିଚାଳନା କମିଟି ସଦସ୍ୟ ଦିବାକାର କହଁର ହରେକୃଷ୍ଣ କହଁର , ବଳିନ୍ଦ୍ର କହଁର, ରାଜିବ ଲୋଚନ ଦିଗାଲ,ବାଲୁଙ୍କିଶ୍ୱର କହଁର , ପଙ୍କଜ କହଁର ଅନନ୍ତ ସାହୁ ଙ୍କ ସହ ପରିଚାଳନା କମିଟି ସଦସ୍ୟ ଏବଂ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ହଜାର ହଜାର ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଥିଲା ଓ ତେବେ କାର୍ଯ୍ୟକ୍ରମ ରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପଦ୍ମନାଭ ବେହେରା,ପୂର୍ବତନ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର , ଜିଲ୍ଲା ପରିଷଦ ସଭ୍ୟ ନିଳଗିରି ଦିଗାଲ, ଶାଖା ପାଣ ସମାଜ କଲ୍ୟାଣ କମିଟି ସଭାପତି ନିରଞ୍ଜନ ଦିଗାଲ,ଉପଶାଖ କ୍ରାଣ୍ଡିବାଲି ପାଣ ସମାଜ କଲ୍ୟାଣ କମିଟି ସଭାପତି ମନୋଜ ଦିଗାଲ ଙ୍କ ସହ ବହୁ ବରିଷ୍ଠ ବ୍ୟକ୍ତି ଯୋଗ ଦେଇଥିଲେ ।ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଗୋଛାପଡା ପୁଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ପୁଲିସ ମୁତୟନ କରାଯାଇଥିଲା ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ନାଟୋକୁ ଟ୍ରମ୍ପଙ୍କ ଚେତାବନୀ, ହର୍ମୁଜ ପ୍ରଣାଳୀର ସୁରକ୍ଷା ପାଇଁ ସାମରିକ ସହାୟତା ଦିଅ



ୟୁରୋପୀୟ ସହଯୋଗୀଙ୍କୁ ଟ୍ରମ୍ପଙ୍କ ଚରମ ଚେତାବନୀ । ହର୍ମୁଜ ପ୍ରଣାଳୀର ସୁରକ୍ଷା ପାଇଁ ସାମରିକ ସହାୟତା ଦେବାକୁ କହିଛନ୍ତି ଟ୍ରମ୍ପ। ସେମାନେ ନିଜ ଯୁଦ୍ଧ ଜାହାଜ ପଠାଇବାକୁ ଦାବି କରିଛନ୍ତି। କିଛି ଦିନ ମଧ୍ୟରେ ହର୍ମୁଜ ନିକଟରେ ନୌସେନା ନିୟୋଜିତ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ମାଗିଛନ୍ତି ଟ୍ରମ୍ପ। ନାଟୋ ମୁଖ୍ୟ ମାର୍କ ରୁଟ୍ଟେଙ୍କ ସହ ଆଲୋଚନା ପରେ ହର୍ମୁଜ ସୁରକ୍ଷା ପାଇଁ ମାଗିଛନ୍ତି ସାମରିକ ସମର୍ଥନ। ସହଯୋଗୀ ଦେଶମାନେ ସହାୟତା ନଦେଲେ ନାଟୋର ଭବିଷ୍ୟତ ବହୁତ ଖରାପ ହେବ ବୋଲି ଚେତାବନୀ ଦେଇଛନ୍ତି। ନାଟୋରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରିବ ବୋଲି ଧମକ ଦେଇଛନ୍ତି। କେବଳ ରାଜନୈତିକ ପ୍ରତିଶ୍ରୁତି ନୁହେଁ, ବରଂ ପ୍ରକୃତରେ ଯୁଦ୍ଧ ଜାହାଜ ଏବଂ ମାଇନ୍ ସ୍ୱିପର୍ ପଠାଇବାକୁ ହ୍ୱାଇଟ୍ ହାଉସ୍ ଜୋର ଦେଇଛି। ହର୍ମୁଜ ପ୍ରଣାଳୀ ବିଶ୍ୱର ପ୍ରାୟ ୨୦% ତୈଳ ଏବଂ ଗ୍ୟାସ୍ ପରିବହନ ହେଉଛି। ଅନ୍ୟପଟେ ଜର୍ମାନୀ ଏବଂ ଫ୍ରାନ୍ସ ଭଳି ଦେଶ ସାମରିକ ସହାୟତା ଦେବାକୁ ଦ୍ୱିଧା ପ୍ରକାଶ କରିଛନ୍ତି। ସେମାନଙ୍କ ଯୁକ୍ତି, ଆମେରିକା ଏବଂ ଇସ୍ରାଏଲ୍ କୌଣସି ପରାମର୍ଶ ନକରି ଇରାନ ସହ ଯୁଦ୍ଧ ଆରମ୍ଭ କରିଛନ୍ତି। ସେପଟେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ପ୍ରତିଦିନ ୧୫ଟି ତୈଳ ଜାହାଜ ଛାଡ଼ିବ ବୋଲି କହିଛି ଇରାନ। ଯେଉଁ ଜାହାଜକୁ ଇରାନ ଅନୁମତି ଦେବ, କେବଳ ସେହି ଜାହଜା ଯାଇ ପାରିବ ବୋଲି କହିଛି ତେହେରାନ।

# ବଢୁଥିବା ଶିଶୁ ଚାଲାଣ ମାମଲାକୁ ନେଇ ରାଜ୍ୟ ଗୁଡ଼ିକୁ ଚେତାବନୀ ଦେଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ସୁପ୍ରିମ୍‌କୋର୍ଟ ଶିଶୁ ଚାଲାଣ ମାମଲା ବୃଦ୍ଧି ପାଉଥିବାରୁ ଗଭୀର ଉଦ୍ ?ବେଗ ପ୍ରକାଶ କରି କହିଛନ୍ତି ଯେ, ସାରା ଦେଶରେ ସଂଗଠିତ ଗ୍ୟାଙ୍ଗ କାର୍ଯ୍ୟ କରୁଛି। ଯଦି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ତେବେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇପାରେ। ସଜାଗ ଓ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ଓ ସେମାନଙ୍କ ଗୃହ ବିଭାଗର ପ୍ରାଥମିକ ଦାୟିତ୍ୱ ରହିଛି ବୋଲି କୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏକ ଅଦାଲତ ଭାବରେ ଆମେ ତଦାରଖ କରିପାରିବା, କିନ୍ତୁ ଶେଷରେ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାର, ପୁଲିସ ଓ ଅନ୍ୟାନ୍ୟ ଏଜେନ୍ସି ତରଫରୁ ହେବା ଆବଶ୍ୟକ। ତେଣୁ ଏହା ଆମର ବିନମ୍ର ଅନୁରୋଧ ବୋଲି ଜଷ୍ଟିସ୍ ଜେବି ପାର୍ଦ୍ଦିୱାଲା ଓ ଜଷ୍ଟିସ୍ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଏକ ଆବେଦନର ଶୁଣାଣି ସମୟରେ କହିଛନ୍ତି। ସଂଗଠିତ ଚାଲାଣ ନେଟୱାର୍କକୁ ଭାଙ୍ଗିବା ଉଦ୍ଦେଶ୍ୟରେ ୨୦୨୫ ରାୟ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଖଣ୍ଡପୀଠ ସମାଲୋଚନା କରିଛନ୍ତି। ଜଷ୍ଟିସ୍ ବିଶ୍ୱନାଥନ୍ କହିଛନ୍ତି ଯେ, କେତେକ ମାମଲାରେ ଚାଲାଣ ହୋଇଥିବା ପିଲାମାନଙ୍କର ସଫଳ ପୁନରୁଦ୍ଧାର ଦର୍ଶାଉଛି ଯେ ଏହି ସମସ୍ୟାର ସମାଧାନ କରାଯାଇପାରିବ। ତଥାପି ଆବଶ୍ୟକ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଥିବା ଦେଖାଯାଉଛି। ମାନବ ଚାଲାଣ ନିରୋଧୀ ୟୁନିଟ୍ (ଏଏଚ୍ ?ଟିୟୁ)କୁ ମଜବୁତ କରିବା ଓ ତଦନ୍ତର ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ନିଖୋଜ ଶିଶୁ ମାମଲାକୁ ଚାଲାଣ ବୋଲି ବିବେଚନା କରିବାକୁ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏହା ପୂର୍ବରୁ ଖଣ୍ଡପୀଠ କେତେକ ରାଜ୍ୟ ଦାଖଲ କରିଥିବା ଅନୁପାଳନ ରିପୋର୍ଟକୁ ଧର୍ମକୁ ଆଖିଠାର ବ୍ୟତୀତ ଆଉ କିଛି ନୁହେଁ ବୋଲି କହିଥିଲେ। ବୁଧବାର ଖଣ୍ଡପୀଠ କହିଛନ୍ତି ଯେ, ମଧ୍ୟପ୍ରଦେଶ, ଗୋଆ, ହରିୟାଣା, ଲକ୍ଷଦ୍ୱୀପ, ମିଜୋରାମ, ଓଡ଼ିଶା ଓ ପଞ୍ଜାବ ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଫର୍ମାଟ୍ ?ରେ ରିପୋର୍ଟ ଦାଖଲ କରିବାରେ ବିଫଳ ହୋଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ଚାଲାଣପ୍ରବଣ ଅଞ୍ଚଳକୁ ଚିହ୍ନଟ କରିବା ଓ ତଦାରଖ କରିବା ପାଇଁ ଅତି କମ୍‌ରେ ୧୫ଟି ରାଜ୍ୟ ସମୀକ୍ଷା କମିଟି ଗଠନ କରିନାହାନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୯ରେ ହେବ।



## ପାକିସ୍ତାନର ଗୁମର ଖୋଲିଦେଲେ ଇସ୍ରାଏଲ ରାଷ୍ଟ୍ରଦୂତ: ଉଠାଇଲେ ପ୍ରଶ୍ନ

ନୂଆଦିଲ୍ଲୀ : ଦୁଇ ସପ୍ତାହର ଅସ୍ତ୍ରବିରତି ନେଇ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଚୁକ୍ତି ହୋଇଛି। ପାକିସ୍ତାନ ସଂଘର୍ଷ ବନ୍ଦ କରିବାର ଶ୍ରେୟ ଦାବି କରୁଛି। ଏହି ସଫଳତା ପାଇଁ ବୈଦେଶିକ ମନ୍ତ୍ରୀ ଖ୍ୱାଜା ଆସିଫ ନିଜକୁ ପିଠି ଥାପୁଡ଼ାଇଛନ୍ତି; କିନ୍ତୁ, ପାକିସ୍ତାନ କ'ଣ ପ୍ରକୃତରେ ଏତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି, ନା ଏହା କେବଳ ଏହାର ସମ୍ପୃକ୍ତିକୁ ଅତିରଞ୍ଜିତ କରୁଛି ? ଭାରତରେ ଇସ୍ରାଏଲର ରାଷ୍ଟ୍ରଦୂତ ରୁଭେନ ଆଜାର ମଧ୍ୟସ୍ଥତା ଭାବରେ ପାକିସ୍ତାନର ଭୂମିକା ସମ୍ପର୍କରେ ପ୍ରଶ୍ନ ଉଠାଇଛନ୍ତି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଅସ୍ତ୍ରବିରତି ଆଲୋଚନାରେ ମଧ୍ୟସ୍ଥତା ଭାବରେ ପାକିସ୍ତାନର ଭୂମିକା ସମ୍ପର୍କରେ ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ ଆଜାର ସନ୍ଦେହ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଇସ୍ରାଏଲ ଇସଲାମାବାଦକୁ ଏକ 'ବିଶ୍ୱସନୀୟ ପକ୍ଷ' ଭାବରେ ଦେଖେ ନାହିଁ। ଏହା ଉଲ୍ଲେଖନୀୟ ଯେ, ଗତ କିଛି ସପ୍ତାହ ଧରି, ପାକିସ୍ତାନ ଇରାନ ଏବଂ ଆମେରିକା ମଧ୍ୟରେ ମଧ୍ୟସ୍ଥତା ଭାବରେ କାର୍ଯ୍ୟ କରୁଛି, ଉଭୟ ପକ୍ଷ ମଧ୍ୟରେ ବାର୍ତ୍ତା ପହଞ୍ଚାଉଛି। ରୁଭେନ ଆଜାର ମନ୍ତବ୍ୟ ଦେଇଛନ୍ତି,ଆମେ ପାକିସ୍ତାନକୁ ଏକ ବିଶ୍ୱସ୍ତ ପକ୍ଷ ଭାବରେ ଦେଖୁନାହୁଁ। ଆମେରିକା ନିଜର ନିର୍ଦ୍ଦିଷ୍ଟ କାରଣ ପାଇଁ ପାକିସ୍ତାନର ମଧ୍ୟସ୍ଥତାକୁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି। ଆମେ ଅତୀତରେ ଦେଖିଛୁ ଯେ, ଆମେରିକା କିପରି ସମସ୍ୟାପୂର୍ଣ୍ଣ ରାଷ୍ଟ୍ରଗୁଡ଼ିକୁ – ଯେପରିକି କାତାର ଏବଂ ତୁର୍କୀ – ହମାସ ସହିତ ଚୁକ୍ତିନାମା ପାଇଁ ବ୍ୟବହାର କରିଛି। ଆମ ପାଇଁ ଆମେ ଚାହୁଁଥିବା ଫଳାଫଳ ହାସଲ କରିବାରେ ଆମେରିକା ସହିତ ନିକଟ ସମନ୍ୱୟ ରକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଖ୍ୱାଜା ଆସିଫ କହିଛନ୍ତି, ଇସଲାମାବାଦ ବର୍ତ୍ତମାନ ଆଞ୍ଚଳିକ ଏବଂ ବିଶ୍ୱ ସ୍ତରରେ ଏକ 'ବିଶ୍ୱସନୀୟ' ମଧ୍ୟସ୍ଥତା ଭାବରେ ସ୍ୱୀକୃତି ପାଉଛି। ପାକିସ୍ତାନର ମଧ୍ୟସ୍ଥତା ମାଧ୍ୟମରେ ଆମେରିକା ଏବଂ ଇରାନ ମଧ୍ୟରେ ଦୁଇ ସପ୍ତାହର ସର୍ତ୍ତମୂଳକ ଅସ୍ତ୍ରବିରତି ଚୁକ୍ତିନାମା ହେବାର କିଛି ଘଣ୍ଟା ପରେ, ଇସଲାମାବାଦରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଆସିଫ ଏହି ମନ୍ତବ୍ୟ ଦେଇଥିଲେ।

# ୧୧ ଦିନରେ ଟଙ୍କା ବହୁଗୁଣ କରିବାକୁ ଚାହୁଁଥିଲେ ଡାକ୍ତର, ୧୨ କୋଟି ଟଙ୍କା ହରାଇଲେ

ପୁଣେ: ପୁଣେର ଜଣେ ୭୫ ବର୍ଷୀୟ ଡାକ୍ତରଙ୍କଠାରୁ ସାଇବର ଠକମାନେ ୧୨.୩୧ କୋଟି ଟଙ୍କା ଲୁଟି ନେଇଛନ୍ତି। ଠକମାନେ ବୃଦ୍ଧଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସେମାନଙ୍କ ମାଧ୍ୟମରେ ବିନିଯୋଗ କଲେ ସେ ୧୧ ଦିନ ମଧ୍ୟରେ ୫୪ କୋଟି ଟଙ୍କା ଫେରସ୍ତ ପାଇବେ। ଶୀଘ୍ର ଓ ବିପୁଳ ଲାଭର ପ୍ରତିଶ୍ରୁତିକୁ ବିଶ୍ୱାସ କରି, ବୃଦ୍ଧ ଡାକ୍ତର ଅନେକ ସପ୍ତାହ ଧରି ଟଙ୍କା ସ୍ଥାନାନ୍ତର ଜାରି ରଖିଥିଲେ।

ଏହି ଠକେଇ ଚଳିତ ବର୍ଷ ଜାନୁଆରିରେ ଆରମ୍ଭ ହୋଇଥିଲା। ଷ୍ଟକ୍ ମାର୍କେଟବିନିଯୋଗ ମାଧ୍ୟମରେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ଡାକ୍ତରଙ୍କୁ ଏକ ଅଜ୍ଞାତ ନମ୍ବରରୁ ?ବାର୍ତ୍ତା ଆସିଥିଲା। ସେ ଆଗ୍ରହ ଦେଖାଇବା ପରେ ସାଇବର ଠକମାନେ ତାଙ୍କୁ 'ଭିଆଇପି ଷ୍ଟକ୍ ୨୪' ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡିଥିଲେ। ଏହି ଗୋଷ୍ଠୀ ମାଧ୍ୟମରେ ଅଭିଯୁକ୍ତମାନେ ଆକର୍ଷଣୀୟ ଓ ଲାଭଦାୟକ ଦେଖାଯାଉଥିବା ନିବେଶ ଯୋଜନା ବାଣ୍ଟିଥିଲେ। ଉକ୍ତ ବ୍ୟକ୍ତିଙ୍କୁ ବାରମ୍ବାର କୁହାଯାଇଥିଲା ଯେ ଯଦି ସେ ସେମାନଙ୍କ ନିର୍ଦ୍ଦେଶକୁ ଠିକ୍ ଭାବରେ ପାଳନ କରନ୍ତି, ତେବେ ମାତ୍ର ୧୧ ଦିନ ମଧ୍ୟରେ ତାଙ୍କ ଟଙ୍କା ବହୁଗୁଣିତ ହେବ।

ପୁଲିସର କହିବା ଅନୁଯାୟୀ, ଆଗ୍ରହ ପ୍ରକାଶ କରିବା ପରେ, ପୀଡିତଙ୍କୁ ତାଙ୍କର ବ୍ୟକ୍ତିଗତ ଓ ଆର୍ଥିକ ବିବରଣୀ ବାଣ୍ଟିବାକୁ କୁହାଯାଇଥିଲା। ତା'ପରେ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ ପଠାଇଥିବା ପରିମାଣକୁ ନକଲି ଆପ୍ ?ରେ ବିନିଯୋଗ ବୋଲି ଦର୍ଶାଯାଇଥିଲା। ମାର୍ଚ୍ଚ ୭ରୁ ୧୮ ମଧ୍ୟରେ ପୀଡ଼ିତ ୮ଟି ଆର୍ଥିକ କାରବାର କରିଥିଲେ, ଯେଉଁଥିରେ ଠକମାନେ ପ୍ରଦାନ କରିଥିବା ଆଠଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୧୨.୩୧ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ଯେତେବେଳେ ବ୍ୟକ୍ତି ଜଣକ ଅଧିକ ଟଙ୍କା ବିନିଯୋଗ କରିବାକୁ ଦ୍ୱିଧାବୋଧ କଲେ, ଅଭିଯୁକ୍ତ ତାଙ୍କ ଟଙ୍କା ଜବତ କରିବାକୁ ଧମକ ଦେଇଥିଲା, ଯାହା ତାଙ୍କୁ ପାଣ୍ଠି ସ୍ଥାନାନ୍ତର ଜାରି ରଖିବାକୁ ବାଧ କରିଥିଲା। ପ୍ରାୟ ତିନି ମାସ ଧରି, ପୀଡିତ ପ୍ରତିଶ୍ରୁତି ଅନୁଯାୟୀ ଫେରସ୍ତ ଆଶା କରି ଟଙ୍କା ସ୍ଥାନାନ୍ତର ଜାରି ରଖିଥିଲେ। କିନ୍ତୁ ଯେତେବେଳେ କୌଣସି ଟଙ୍କା ଫେରସ୍ତ ମିଳିଲା ନାହିଁ ଏବଂ ଠକମାନେ ଅଧିକ ପାଣ୍ଠି ଦାବି ଜାରି ରଖିଲେ, ସେତେବେଳେ ସେ ଅନୁଭବ କରିଥିଲେ ଯେ ସେ ଠକାମିର ଶକାର ହୋଇଛନ୍ତି। ଏହା ପରେ ସେ ପୁଲିସ ନିକଟକୁ ଯାଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ସାଇବର ଥାନାରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି ବୋଲି କହିଛି।

## ଅଫିସରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ନାସିକ ମହିଳା, ଟିମ୍ ଲିଡରଙ୍କ ସମେତ ୬ ଗିରଫ

ମୁମ୍ବାଇ: ମହାରାଷ୍ଟ୍ରର ନାସିକରେ ଥିବା ଏକ ବହୁରାଷ୍ଟ୍ରୀୟ କମ୍ପାନିର ଏକାଧିକ ମହିଳା କର୍ମଚାରୀ ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଜଣେ ମହିଳା କର୍ମଚାରୀ ଅଭିଯୋଗ ଆଣିବା ପରେ ଜଣେ ଟିମ୍ ଲିଡରଙ୍କ ସମେତ ଛଅ ଜଣଙ୍କୁ ଗିରଫ କରାଯାଇଛି। ଗତ ଚାରି ବର୍ଷ ମଧ୍ୟରେ ଏହି ଉତ୍ପୀଡ଼ନ ଘଟିଥିବା କଥା ବୁଧବାର ପୁଲିସ କହିଛି। ଯୌନ ଉତ୍ପୀଡ଼ନ ଓ ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ସେମାନଙ୍କ ବିରୋଧରେ ନଅଟି ମାମଲା ରୁଜୁ ହୋଇଛି। ପୁଲିସ କହିଛି ଯେ ଜଣେ ଅଭିଯୁକ୍ତ ଜଣେ ମହିଳା କର୍ମଚାରୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ମହିଳା ଜଣକ କମ୍ପାନିର ମୁଖ୍ୟ ଅଧିକାରୀଙ୍କ ନିକଟରେ ଏହି ଘଟଣା ବିଷୟରେ ବାରମ୍ବାର ମୌଖିକ ଅଭିଯୋଗ କରିଥିଲେ, କିନ୍ତୁ ସେ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନ ଥିଲେ। ପୁଲିସ କହିଛି ଯେ ଅଭିଯୁକ୍ତ ଜଣେ ପୁରୁଷ କର୍ମଚାରୀଙ୍କୁ ନମାଜ ପଢ଼ିବାକୁ ବାଧ କରିଥିଲା ଏବଂ ତାଙ୍କ ଧର୍ମକୁ ଅପମାନିତ କରିଥିଲା। ମଙ୍ଗଳବାର ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଓ ପରଦିନ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ସେମାନଙ୍କୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ପୁଲିସ ହେପାଜତରେ ରିମାଣ୍ଡରେ ନିଆଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ନ୍ୟାୟିକ ହେପାଜତରେ ଅଛନ୍ତି। ପୁଲିସ କମିସନର ସନ୍ଦୀପ କର୍ଣ୍ଣିକଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତଦନ୍ତ ପାଇଁ ଏସିପି (କ୍ରାଇମ୍) ସନ୍ଦୀପ ମିଟକେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି। ନିର୍ଯାତନାର ଶିକାର ହୋଇଥିବା ଅନ୍ୟ ମହିଳାମାନଙ୍କୁ ଆଗକୁ ଆସିବାକୁ ପୁଲିସ ଅନୁରୋଧ କରିଛି।

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ଶୀତ ପରେ ସିଧାସଳଖ ଆସୁଛି ଗ୍ରୀଷ୍ମ

ନୂଆଦିଲ୍ଲୀ: ଭାରତର ପାରମ୍ପରିକ ବସନ୍ତ ଋତୁ, ଯାହାକୁ 'ଋତୁରାଜ' ବୋଲି କୁହାଯାଏ, ତାହା ଏବେ ଏକ ଅତୀତର ସ୍ମୃତି ହେବାକୁ ଯାଉଛି। ଚଳିତ ବର୍ଷ ଫେବୃଆରି ଏବଂ ମାର୍ଚ୍ଚ ମାସରେ ରେକର୍ଡ ସ୍ତରର ତାପମାତ୍ରା ବୃଦ୍ଧି ଯୋଗୁଁ ଶୀତ ଋତୁ ପରେ ଧୀରେ ଧୀରେ ବସନ୍ତ ଆସିବା ପରିବର୍ତ୍ତେ ସିଧାସଳଖ ପ୍ରଚଣ୍ଡ ଗ୍ରୀଷ୍ମ ଋତୁ ଅନୁଭୂତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ ?ଡି) ର ବିଶ୍ଳେଷଣାତ୍ମକ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଶୀତକାଳୀନ ବର୍ଷାରେ ୬୦ ପ୍ରତିଶତ ହ୍ରାସ ଏବଂ ଶୀତଳ ପବନର ଅଭାବ ଯୋଗୁଁ ଏହି 'ସ୍ପ୍ରିଙ୍ଗ୍ ସ୍କୁଇଜ୍' (ବସନ୍ତର ସଙ୍କୋଚନ) ଦେଖାଦେଇଛି। ଏହା କେବଳ ଏକ ପାଣିପାଗ ସମ୍ବନ୍ଧୀୟ ପରିବର୍ତ୍ତନ ନୁହେଁ, ବରଂ ବିଶ୍ୱ ତାପାୟନ ଏବଂ ଦ୍ରୁତ ନଗରୀକରଣ ଯୋଗୁଁ ସୃଷ୍ଟି ହୋଇଥିବା ଏକ ବଡ଼ ପରିବେଶ ସଙ୍କଟ। ବସନ୍ତର ସ୍ୱଳ୍ପ ରହଣି ଯୋଗୁଁ ପଞ୍ଜାବ ଏବଂ ହରିୟାଣାର ଗହମ ଚାଷ ବେଶୀ ପ୍ରଭାବିତ ହେବା ସହ ପାର୍ବତ୍ୟ ଅଞ୍ଚଳର ପରିବେଶ ସନ୍ତୁଳନ ମଧ୍ୟ ବିଗିଡ଼ିବାରେ ଲାଗିଛି। ଭାରତୀୟ ସଂସ୍କୃତିରେ ବସନ୍ତ ପଞ୍ଚମୀ ଭଳି ପର୍ବର ଗୁରୁତ୍ୱ ରହିଥିଲେ ହେଁ, ବର୍ତ୍ତମାନର ସ୍ଥିତିରେ ଏହି ଋତୁ କେବଳ ପୁସ୍ତକ ଓ ଉତ୍ସବରେ ସୀମିତ ରହିଯାଇଛି ଏବଂ ବାସ୍ତବରେ ଆମକୁ ଏକ ଦୀର୍ଘ ତଥା ଯନ୍ତ୍ରଣାଦାୟକ ଗ୍ରୀଷ୍ମର ସାମ୍ନା କରିବାକୁ ପଡୁଛି। ଏହି ଋତୁଗତ ପରିବର୍ତ୍ତନ କେବଳ ମଣିଷ ପାଇଁ କଷ୍ଟକର ହେଉନାହିଁ, ବରଂ ଏହା ଭାରତର କୃଷି ଭିତ୍ତିକ ଅର୍ଥନୀତି ଉପରେ ଶକ୍ତ ଆଘାତ ଦେଇଛି। ସିମଲା ଭଳି ଶୀତଳ ସ୍ଥାନରେ ମାର୍ଚ୍ଚ ମାସରେ ତାପମାତ୍ରା ସ୍ୱାଭାବିକଠାରୁ ୧୦ ଡିଗ୍ରି ସେଲସିୟସ ଅଧିକ ରହିବା ଏବଂ ହିମାଳୟରେ ବରଫପାତ କମିବା ଫଳରେ ଗଙ୍ଗା-ଯମୁନା ଅବବାହିକାରେ ଜଳ ସଙ୍କଟ ଦେଖାଦେଇଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଗ୍ରୀଷ୍ମର ପ୍ରଭାବ କମାଇବା ପାଇଁ ତୁରନ୍ତ ପଦକ୍ଷେପ ନିଆନଯାଏ ଏବଂ ତାପମାତ୍ରା ସହିପାରୁଥିବା ବିହନର ବ୍ୟବହାର କରାନଯାଏ, ତେବେ ଭବିଷ୍ୟତରେ ଦେଶର ଜୈବ ବିବିଧତା ନଷ୍ଟ ହୋଇଯିବ।




# ଆମେରିକା-ଇରାନ ଅସ୍ତ୍ରବିରତିରେ ଲେବାନନ ଦ୍ୱନ୍ଦ୍ୱ ପାଇଁ ପାକିସ୍ତାନ ଦାୟୀ କି ?

ୱାସିଂଟନ: ଆମେରିକା-ଇରାନ ଅସ୍ତ୍ରବିରତିରେ ମଧ୍ୟସ୍ଥତା କରି ପାକିସ୍ତାନ ବର୍ଷ ବର୍ଷ ମଧ୍ୟରେ ସବୁଠାରୁ ବଡ କୂଟନୈତିକ ବିଜୟ ହାସଲ କରିଛି ବୋଲି ଦାବି କରିଥିଲା। ତେବେ କିଛି ଘଣ୍ଟା ମଧ୍ୟରେ, ଇସ୍ରାଏଲ ଇରାନର ସହଯୋଗୀ ଲେବାନନରେ ଏହାର ସର୍ବବୃହତ୍ ଆକ୍ରମଣ କରିଥିଲା, ଯେଉଁଥିରେ ଶହ ଶହ ଲୋକ ପ୍ରାଣ ହରାଇଥିଲେ। କାରଣ ଲେବାନନ ଅସ୍ତ୍ରବିରତିର ଅଂଶ ଥିଲା କି ନାହିଁ, ତାକୁ ନେଇ ଦ୍ୱନ୍ଦ୍ୱ ରହିଥିଲା। ଉଭୟ ପକ୍ଷକୁ ଏହି ଚୁକ୍ତିନାମାର ବ୍ୟାଖ୍ୟା କରିବା ପାଇଁ ଦାୟୀ ଥିବା ପାକିସ୍ତାନ ବର୍ତ୍ତମାନ ଝଡ଼ର କେନ୍ଦ୍ରରେ ଅଛି।

ଆମେରିକା ଓ ଇସ୍ରାଏଲ କହିଛନ୍ତି ଯେ, ମାର୍ଚ୍ଚ ୨ ତାରିଖରୁ ତେଲ୍ ଅଭିଭ୍ ଉପରେ ଆକ୍ରମଣ କରୁଥିବା ଲେବାନନ କେବେ ବି ଅସ୍ତ୍ରବିରତି ଚୁକ୍ତିର ଅଂଶ ନୁହେଁ। କିନ୍ତୁ ଇରାନ ଅନୁଯାୟୀ, ଏହା ଏକ ଅଂଶ ଥିଲା। ବୁଧବାର ଯେତେବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଆମେରିକା ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରିଥିଲେ, ସେତେବେଳେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ, ଏହା ଲେବାନନ ସମେତ ସବୁଠାରେ ପ୍ରଯୁଜ୍ୟ। ସରିଫ୍ ଟ୍ୱିଟ୍ କରି କହିଛନ୍ତି, ଇରାନ ଓ ଆମେରିକା ସେମାନଙ୍କ ସହଯୋଗୀଙ୍କ ସହ ଲେବାନନ ଓ ଅନ୍ୟାନ୍ୟ ସ୍ଥାନ ସମେତ ସମସ୍ତ ସ୍ଥାନରେ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। କିଛି ମିନିଟ୍ ମଧ୍ୟରେ, ଇସ୍ରାଏଲ୍ ଯୁଦ୍ଧବିରତି ଚୁକ୍ତିକୁ ସ୍ୱାଗତ କରିଥିଲା କିନ୍ତୁ ଲେବାନନ ଏହାର ଅଂଶ ନୁହେଁ ବୋଲି କହିଥିଲା। ଏହାର କିଛି ଘଣ୍ଟା ପରେ ଏହା ଲେବାନନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲା।

ଆମେରିକାରେ ଅବସ୍ଥାପିତ ପାକିସ୍ତାନର ରାଷ୍ଟ୍ରଦୂତ ରିଜୱାନ ସୟିଦ ଶେଖ୍ କହିଛନ୍ତି ଯେ, ଲେବାନନ ଅସ୍ତ୍ରବିରତି ଢାଞ୍ଚାରେ ଅନ୍ତର୍ଭୁକ୍ତ ହୋଇଛି। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପାକିସ୍ତାନର ଏହି ଦାବିକୁ ଅସ୍ୱୀକାର କରି କହିଛନ୍ତି ଯେ, ଅସ୍ତ୍ରବିରତି ଲେବାନନକୁ ଅନ୍ତର୍ଭୁକ୍ତ କରେ ନାହିଁ। ତେଣୁ ଯୁଦ୍ଧବିରତି ଚୁକ୍ତି ଘୋଷଣାର କିଛି ଘଣ୍ଟା ମଧ୍ୟରେ ଇସ୍ରାଏଲ ଏକ ବଡ଼ ବିମାନ ଆକ୍ରମଣ କରିଥିଲା, ଯେଉଁଥିରେ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଓ ୧,୦୦୦ରୁ ଅଧିକ ଆହତ ହୋଇଥିଲେ। ଇରାନର ପ୍ରକ୍ସି ସଶସ୍ତ୍ର ଗୋଷ୍ଠୀ ହେଜବୁଲ୍ଲା ଇସ୍ରାଏଲ ଉପରେ ଆକ୍ରମଣ କରିବା ପରେ ଲେବାନନ ଏହି ସଂଘର୍ଷରେ ଜଡିତ ହୋଇଥିଲା। ମାର୍ଚ୍ଚ ୨ ତାରିଖରୁ ଇସ୍ରାଏଲ ବେରୁତ ଓ ଲେବାନନର ପ୍ରମୁଖ ସହର ଉପରେ ଆକ୍ରମଣ କରି ପ୍ରତିଶୋଧ ନେଇଥିଲା, ଯେଉଁଥିରେ ୧,୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏକ ବିବୃତିରେ ଆମେରିକା ଓ ଇସ୍ରାଏଲ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ କରିଛନ୍ତି। ଆମେରିକା ସହ ଶାନ୍ତି ଆଲୋଚନାର ନେତୃତ୍ୱ ନେଉଥିବା ଗାଲିବାଫ୍ କହିଛନ୍ତି, ଏଭଳି ପରିସ୍ଥିତିରେ ଅସ୍ତ୍ରବିରତି କିମ୍ବା ଆଲୋଚନା ଅଯୌକ୍ତିକ। ଏହାର ପ୍ରତିଶୋଧ ସ୍ୱରୂପ, ଅସ୍ତ୍ରବିରତି ପରେ କିଛି ସମୟ ପାଇଁ ହର୍ମୁଜ ପ୍ରଣାଳୀ ଖୋଲିଥିବା ଇରାନ ଏହାକୁ ପୁଣି ବନ୍ଦ କରିଦେଇଛି ବୋଲି ଇରାନର ରାଷ୍ଟ୍ରାୟତ୍ତ ନ୍ୟୁଜ୍ ଏଜେନ୍ସି କହିଛି।

ବର୍ତ୍ତମାନ ଅସ୍ତ୍ରବିରତି ଚୁକ୍ତିକୁ ବ୍ୟାଖ୍ୟା କରିବା ଓ ଏହାକୁ ଉଭୟ ପକ୍ଷକୁ ଜଣାଇବା ପାକିସ୍ତାନର ଦାୟିତ୍ୱ ଥିଲା। କିନ୍ତୁ ସେ ତାହା ଠିକ୍ ?ଭାବରେ କରିନାହିଁ। ଇରାନ ଗଣମାଧ୍ୟମ ରିପୋର୍ଟ କରିଛି ଯେ, ପାକିସ୍ତାନ ହୁଏତ ଇରାନରୁ ପାଇଥିବା ସଂସ୍କରଣଠାରୁ ଭିନ୍ନ ଏକ ସଂସ୍କରଣ ଆମେରିକାକୁ ଦେଇଥାଇପାରେ। ପାକିସ୍ତାନ ୱାସିଂଟନରୁ ଯାହା ପାଇଥିଲା ତା'ଠାରୁ ଭିନ୍ନ ସଂସ୍କରଣ ଇରାନକୁ ଦେଇଥାଇପାରେ। ଏପରିକି ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ପାକିସ୍ତାନର ନାମ ନ ନେଇ କହିଛନ୍ତି, ଏହା ଏକ ବୈଧ ଭୁଲ ବୁଝାମଣାରୁ ଆସିଛି। ମୁଁ ଭାବୁଛି ଇରାନୀୟମାନେ ଭାବିଥିଲେ ଯେ ଅସ୍ତ୍ରବିରତିରେ ଲେବାନନ ଅନ୍ତର୍ଭୁକ୍ତ ଥିଲା, କିନ୍ତୁ ଏହା ହୋଇନଥିଲା। ଆମେ କେବେ ବି ସେହି ପ୍ରତିଶ୍ରୁତି ଦେଇନାହୁଁ। ଇସଲାମାବାଦରେ ଆଲୋଚନା ପାଇଁ ଆମେରିକାର ପ୍ରତିନିଧିଙ୍କ ନେତୃତ୍ୱ ନେଉଥିବା ଭାନ୍ସ କହିଛନ୍ତି ଯେ, ଏହି ଚୁକ୍ତି ଇରାନ ଓ ଆମେରିକାର ସହଯୋଗୀ ଗଲ୍ଫ ଦେଶ ଉପରେ ଧ୍ୟାନ ଦେବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ଘଟଣାକ୍ରମ ମଧ୍ୟସ୍ଥି ଭାବରେ ପାକିସ୍ତାନର ଭୂମିକା ଉପରେ ଯାଞ୍ଚ ବୃଦ୍ଧି କରିଛି।



## ଅଙ୍ଗନୱାଡି ଶିକ୍ଷୟିତ୍ରୀଙ୍କୁ ଗଛରେ ବାନ୍ଧି ମାଡ଼

ହାଇଦ୍ରାବାଦ : ତେଲଙ୍ଗାନା ସଙ୍ଗାରେଡ୍ଡି ଜିଲାର କାଙ୍ଗଟି ମଣ୍ଡଳରେ ଅବସ୍ଥିତ ରାସୋଲ ଗାଁରୁ ଅମାନବୀୟ ଘଟଣା ସାମ୍ନାକୁ ଆସିଛି, ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ଗାଁର ଏକ ଗୋଷ୍ଠୀ ଜଣେ ଅଙ୍ଗନୱାଡି ଶିକ୍ଷୟିତ୍ରୀଙ୍କୁ ଗଛରେ ବାନ୍ଧି ନିର୍ମମ ଭାବରେ ପିଟିଛନ୍ତି । ଏହି ଘଟଣା ଆଇନର ଶାସନ ଏବଂ ସମାଜରେ ମୌଳିକ ମାନବିକତା ଉଭୟ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ରିପୋର୍ଟ ଅନୁସାରେ, ପୀଡିତାଙ୍କୁ ବସନ୍ତ କୁମାରୀ ଭାବରେ ଚିହ୍ନଟ କରାଯାଇଛି । ସେ ଗାଁରେ ଅଙ୍ଗନୱାଡି ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରନ୍ତି । ଅଭିଯୋଗ ହୋଇଛି ଯେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଠକେଇ ଅଭିଯୋଗରେ ଉତ୍ତ୍ୟକ୍ତ କିଛି ଗ୍ରାମବାସୀ କ୍ରୋଧରେ ବସନ୍ତ କୁମାରୀଙ୍କୁ ଟାର୍ଗେଟ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ତାଙ୍କର କୌଣସି ସିଧାସଳଖ ସମ୍ପର୍କ ନଥିବା ବିବାଦକୁ ନେଇ ତାଙ୍କୁ ଏପରି ନିର୍ମମତାର ଶିକାର କରାଯାଇଥିଲା।

ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ପ୍ରଥମେ ବସନ୍ତ କୁମାରୀଙ୍କୁ ଧରି ଏକ ଗଛରେ ବାନ୍ଧି ଦେଇଥିଲେ ଏବଂ ପରେ ତାଙ୍କୁ ଶାରୀରିକ ଆକ୍ରମଣ କରିଥିଲେ। ଏହି ସମୟ ମଧ୍ୟରେ କିଛି ଦେଖଣାହାରୀ ହସ୍ତକ୍ଷେପ କରି ଘଟଣାର ପ୍ରତିବାଦ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସେମାନେ ଶୁଣିନଥିଲେ । ଏହି ସମ୍ପୂର୍ଣ୍ଣ ଘଟଣା ଗାଁରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣା ପରେ ପୀଡିତା ସାହସ ଦେଖାଇ ପୋଲିସରେ ଅଭିଯୋଗ କରିଥିଲେ। ମାମଲାକୁ ଗମ୍ଭୀରତାର ସହ ନେଇ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ପାଞ୍ଚ ଜଣ ଗ୍ରାମବାସୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି। ଅଧିକାରୀମାନେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି ଏବଂ ଖୁବ୍ ଶୀଘ୍ର ଗିରଫ କରାଯିବ।

# ନାଲକୋ ଆନୁକୂଲ୍ୟରେ ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଆୟୋଜିତ

ଭୁବନେଶ୍ୱର,୯।୪: ଭୁବନେଶ୍ୱରରେ ଆଜି ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି, ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲକୋ) ଏହି ମର୍ଯ୍ୟାଦାଜନକ ଜାତୀୟ ସ୍ତରୀୟ ଇଭେଣ୍ଟ ଆୟୋଜନ କରୁଛି। ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦ୍ଘାଟନ ସମାରୋହରେ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ), ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ) ଏବଂ ଅଖିଳ ଭାରତୀୟ ସାର୍ବଜନୀନ କ୍ଷେତ୍ର କ୍ରୀଡା ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ପିଏସୟୁରପ୍ରତିନିଧି ଏବଂ ନେତୃତ୍ୱ ମଧ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତା ବୃଦ୍ଧି କରିବା ସହିତ ଦଳଗତ ମନୋଭାବକୁ ସୁଦୃଢ଼ କରିବା, ନେତୃତ୍ୱ ଗୁଣାବଳୀ ବୃଦ୍ଧି କରିବା ଏବଂ ଏକ ପ୍ରେରଣାଦାୟକ କର୍ମଶକ୍ତି ଗଠନ କରିବାରେ କ୍ରୀଡାର ଭୂମିକା ସମ୍ବନ୍ଧରେ ମତ ପୋଷଣ କରିଥିଲେ। କ୍ରିଡା ମାଧ୍ୟମରେ ଶୃଙ୍ଖଳା, ସ୍ଥିରତା ଏବଂ ସହଯୋଗ ତଥା ସାଂଗଠନିକ ଉତ୍କର୍ଷତା ହାସଲ ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ନାଲକୋରେ କ୍ରୀଡାର ପ୍ରୋତ୍ସାହନ ନିମନ୍ତେ ସ୍ଥାୟୀ ପ୍ରତିବଦ୍ଧତାକୁ ମଧ ଦୋହରାଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ଇଭେଣ୍ଟ ଆୟୋଜନ ନିମନ୍ତେ ଭୁବନେଶ୍ୱର ସହର ପ୍ରସିଦ୍ଧି ହାସଲ କରିଥିବାବେଳେ, ପ୍ରଥମ ଥର ପାଇଁ ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଭୁବନେଶ୍ୱର ରେ ଆୟୋଜିତ ହେଉଅଛି। ଅଖିଳ ଭାରତୀୟ ପବ୍ଲିକ୍ ସେକ୍ଟର କ୍ରୀଡା ନିୟନ୍ତ୍ରଣ ବୋର୍ଡ, ନୂଆଦିଲ୍ଲୀ ସମନ୍ୱୟରେ ଆୟୋଜିତ ଏହି ଚାରି ଦିନିଆ ଚାମ୍ପିଅନସିପ୍, ଏପ୍ରିଲ ୭ ରୁ ୧୦ ତାରିଖ ପର୍ଯ୍ୟନ୍ତ କୀଟ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟରେ କୋଲ୍ ଇଣ୍ଡିଆ ଲିମିଟେଡ୍, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍, ଅଏଲ୍ ଇଣ୍ଡିଆ ଲିମିଟେଡ୍, ଭାରତୀୟ ଖାଦ୍ୟ ନିଗମ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭାରତୀୟ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ, ଭାରତୀୟ ଜୀବନ ବୀମା ନିଗମ, କର୍ମଚାରୀ ରାଜ୍ୟ ବୀମା ନିଗମ ସମେତ ୧୪ଟି ସରକାରୀ କ୍ଷେତ୍ର ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା ୨୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଏକ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପ୍ରଦର୍ଶିତ ହୋଇଥିଲା। ଖେଳାଳି, ଅଧିକାରୀ ଏବଂ ବ୍ୟାଡମିଣ୍ଟନ ଉତ୍ସାହୀଙ୍କ ଏକ ବିଶାଳ ସମାବେଶ ଉଦଘାଟନୀ ଦିବସକୁ ଋଦ୍ଧିମନ୍ତ କରିଥିଲା ।

# ମ୍ୟାଚ ହାତଛଡ଼ା କଲା ଦିଲ୍ଲୀ, ୧ ରନ୍‌ରେ ଜିତିଲା ଗୁଜରାଟ



ନୂଆଦିଲ୍ଲୀ,୯।୪: ହିରୋ ବଦଳରେ ଭିଲେନ ହୋଇଗଲେ ଦକ୍ଷିଣ ଆଫ୍ରିକାର ବ୍ୟାଟର ଡାଭିଡ ମିଲର। ହିରୋ ହେବା ପାଇଁ ସୁଯୋଗକୁ ସେ ହାତ ଛଡା କଲେ। ପ୍ରଥମେ ଏକାକୀ ଲି ଦଳକୁ ଜିତାଇବାର ଅତି ନିକଟରେ ପହଞ୍ଚାଇଲେ। କିନ୍ତୁ ଠିକଣା ସମୟରେ ମିଲରଙ୍କ ଗୋଟିଏ ଛୋଟ ଭୁଲ ତାଙ୍କ ଦଳ ଦିଲ୍ଲୀ କ୍ୟାପିଟାଲ୍ସକୁ ମହଙ୍ଗା ପଡିଛି।ଚଳିତ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ବୁଧବାର ଖେଳା ଯାଇଥିବା ମ୍ୟାଚ୍‌ରେ ମାତ୍ର ୧ ରନରେ ଗୁଜରାଟ ଟାଇଟନ୍ସ ଠାରୁ ହାରିଛି। ମିଲର ଚମତ୍କାର ବ୍ୟାଟିଂ କରିଥିଲେ ହେଁ ଦଳକୁ ଜିତାଇ ପାରି ନାହାନ୍ତି। ଶେଷରେ ତାଙ୍କୁ କାନ୍ଦି କାନ୍ଦି ପଡିଆ ଛାଡିବାକୁ ପଡିଛି। ବୁଧବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ୨୦୨୨ ପୁଣି ଶେଷ ଓଭରରେ ବୁଧବାର ମିଲର ଓ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କ ଲଢ଼ େଦେଖିବାକୁ ମିଳିଛି। ଏହି ଲଢ଼େଇରେ ବାଜି ମାରି ନେଇଛନ୍ତି ପ୍ରସିଦ୍ଧ।

ମିଲର ୨୦୨୨ରେ ପ୍ରସିଦ୍ଧଙ୍କୁ ଲଗାତର ୩ ବଲରେ ୩ ଛକା ମାରି ଗୁଜରାଟ ଟାଇଟନ୍ସକୁ ପ୍ରଥମ କ୍ୱାଲିଫାୟାରରେ ଜିତାଇଥିଲେ। ହେଲେ ଏବେ ପ୍ରସିଦ୍ଧ ଗୁଜରାଟ ପାଇଁ ବୋଲିଂ କରି ଦିଲ୍ଲୀ ପାଇଁ ଖେଳୁଥିବା ମିଲରଙ୍କ ଠାରୁ ୨୦୨୨ର ପ୍ରତିଶୋଧ ନେଇଛନ୍ତି।

ବୁଧବାର ମ୍ୟାଚ୍‌ର ଶେଷ ଓଭରରେ ଦିଲ୍ଲୀକୁ ଜିତିବା ପାଇଁ ଦରକାର ଥିଲା ୧୩ ରନ। ପ୍ରଥମ ବଲରେ ବିପରାଜ ନିଗମ ଚୌକା ମାରିଥିଲେ। କିନ୍ତୁ ପରବର୍ତ୍ତୀ ବଲରେ ସେ ବଡ ଶଟ ଖେଳିବାକୁ ଯାଇ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲରେ ଆଉଟ ହୋଇଥିଲେ। ତୃତୀୟ ବଲରେ ନୂଆ ବ୍ୟାଟର କୁଲଦୀପ ଯାଦବ ୧ ରନ ନେଇ ମିଲରଙ୍କୁ ଷ୍ଟ୍ରାଇକ ଦେଇଥିଲେ।

ଦିଲ୍ଲୀକୁ ଶେଷ ୩ ବଲରେ ଦରକାର ଥିଲା ୮ ରନ। ୪ର୍ଥ ବଲରେ ସମସ୍ତଙ୍କୁ ଚକିତ କରି ମିଲର ମାରିଥିଲେ ୧୦୬ ମିଟର ଦୂରକୁ ଗୋଟିଏ ଛକା। ଅର୍ଥାତ ଦିଲ୍ଲୀ ଜିତିବା ପାଇଁ ଆବଶ୍ୟକ କରୁଥିଲା ୨ ବଲ୍‌ରେ ୨ ରନ୍ । ମିଲର୍ ଥାଆନ୍ତି ଷ୍ଟ୍ରାଇକ୍‌ରେ। ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍ ଡିପ୍ ସ୍କ୍ୱାୟାର୍ ଲେଗ୍‌କୁ ଯାଇଥିଲା। ସିଙ୍ଗଲ୍ ଅତି ସହଜ ଥିଲା। କୁଲଦୀପ ଯାଦବ ବି ପିଚ୍‌ର ମଝାମଝି ପହଞ୍ଚି ଯାଇଥିଲେ। କିନ୍ତୁ ମିଲର୍ ହାତ ଉଠାଇ ତାଙ୍କୁ ସିଙ୍ଗଲ ନେବାକୁ ମନା କରି ଦେଇଥିଲେ। ସେ ଷ୍ଟ୍ରାଇକ୍ ନିଜ ପାଖରେ ରଖିଥିଲେ।

ସେ ଆଶା କରିଥିଲେ ଯେ ଶେଷ ଭଲରେ ସେ ବେଶ ଆରାମରେ ୨ ରନ ନେଇ ଦଳକୁ ଜିତାଇ ଦେବେ। କିନ୍ତୁ ପ୍ରସିଦ୍ଧଙ୍କ ସ୍ଲୋୟର୍ ବାଉନ୍ସକୁ ମିଲର ପୁଲ ମାରିବାକୁ ଯାଇ ମିସ କରାଯାଇଥିଲେ। ନନଷ୍ଟ୍ରାଇକରେ ଥିବା କୁଲଦୀପ ୧ ରନ ନେବାକୁ ଚେଷ୍ଟା କରିଥିଲେ। ହେଲେ ଗୁଜରାଟ ୱିକେଟ କିପର ଜୋସ ବଟଲର୍‌ଙ୍କ ଡାଇରେକ୍ଟ ହିଟ୍‌ରେ ସେ ରନ୍ ଆଉଟ୍ ହୋଇଯାଇଥିଲେ। ଦିଲ୍ଲୀ ୧ ରନରେ ମ୍ୟାଚ୍ ବି ହାରିଯାଇଥିଲା। ମିଲର୍‌ଙ୍କ ଗୋଟିଏ ନିଷ୍ପତ୍ତି ଗୁଜରାଟକୁ ଜିତାଇଥିବା ବେଳେ ଦିଲ୍ଲୀ ପାଇଁ ସେ ବନି ଯାଇଛନ୍ତି ଭିଲେନ। ଯଦି ମିଲର ୫ମ ବଲରେ ୧ ରନ ନେଇ ଯାଇଥାଆନ୍ତେ, ତା'ହେଲେ କୁଲଦୀପ ଶେଷ ବଲରେ ଆଉଟ ହୋଇଥିଲେ ହେଁ ମ୍ୟାଚ୍ ସୁପର ଓଭରକୁ ଯାଇଥାଆନ୍ତା। ହେଲେ ମିଲରଙ୍କ ଓଭର କନଫିଡେନ୍ସ ଦିଲ୍ଲୀକୁ ମହଙ୍ଗା ପଡିଛି। ମିଲରଙ୍କ ପାଖରେ ଜିରୋ ଗେମ ସେନ୍ସ ଥିବା କହି ଅନେକ ତାଙ୍କୁ ସମାଲୋଚନା କରୁଛନ୍ତି। ମିଲର ମଧ ବେଶ ହତାଶ ହୋଇ ମ୍ୟାଚ୍ ପରେ ମନଦୁଃଖରେ ପ୍ୟାଭିଲିୟନ ଫେରୁଥିବା ଦେଖାଯାଇଛି। ମିଲର ୨୦ ବଲରେ ଅପରାଜିତ ୪୧ ରନ କରିଥିଲେ ହେଁ ମ୍ୟାଚ୍ ଜିତାଇ ନପାରିବା ତାଙ୍କୁ ବେଶ କଷ୍ଟ ଦେଇଛି। ୨୦୨୨ରେ ପ୍ରସିଦ୍ଧ ରାଜସ୍ଥାନ ରୟାଲ୍ସ ଓ ମିଲର ଗୁଜରାଟ ପାଇଁ ଆଇପିଏଲ ଖେଳୁଥିଲେ। କୋଲାକତାରେ ଖେଳା ଯାଉଥିବା ପ୍ରଥମ କ୍ୱାଲିଫାୟାରରେ ଗୁଜରାଟକୁ ଶେଷ ଓଭରରେ ଜିତିବାକୁ ଦରକାର ଥିଲା ୧୬ ରନ।

ରାଜସ୍ଥାନ ପାଇଁ ବୋଲିଂ କରିବାକୁ ଆସିଥିଲେ ପ୍ରସିଦ୍ଧ। ହେଲେ ମିଲର ତାଙ୍କୁ ଲଗାତର ୩ଟି ଛକା ମାରି ଗୁଜରାଟକୁ ଫାଇନାଲକୁ ନେଇ ଯାଇଥିଲେ। ଏବେ ଶେଷ ଓଭରରେ ୧୩ ରନ ବି ମିଲର ପ୍ରସିଦ୍ଧଙ୍କ ବଲରେ କରିପାରି ନାହାନ୍ତି।

ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ଦିଲ୍ଲୀ ଗୁଜୁରାଟକୁ ପ୍ରଥମେ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଛି । ଗୁଜୁରାଟର ଓପନର ବ୍ୟାଟ୍ସମ୍ୟାନ୍ ସାଇ ସୁଦର୍ଶନ ପ୍ରଥମ ଓଭରରୁ ଆକ୍ରମଣାତ୍ମକ ଢ଼ଙ୍ଗରେ ଖେଳ ଆରମ୍ଭ କରିଥିଲେ । ମାତ୍ର ସେ ଏହାକୁ ବଡ଼ ପାଳିରେ ପରିବର୍ତ୍ତନ କରିପାରି ନଥିଲେ । ସେ ୭ ବଲରୁ ୧୨ କରିବାରେ ସକ୍ଷମ ହୋଇଥିଲେ । ଅଧିନାୟକ ଶୁଭମନ ଗିଲ ଏବଂ ବଟଲର ଯୋଡ଼ି ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ । ବଟଲର ୨୭ ବଲରୁ ୫୨ ରନ କରିଛନ୍ତି ।ବଟଲରଙ୍କ ପରେ ୱାଶିଂଟନ୍ ସୁନ୍ଦର ଗିଲଙ୍କ ସହ ମିଶି ଦିଲ୍ଲୀ ବୋଲରଙ୍କୁ ଧୂଳେଇ କରିବା ଆରମ୍ଭ କରିଥିଲେ । ଗିଲ ୪୫ ବଲରୁ ୭୦ ରନ କରିଥିବାବେଳେ ୱାଶିଂଟନ୍ ସୁନ୍ଦର ୩୨ ବଲରୁ ୫୫ ରନ କରିଛନ୍ତି । ସେପଟେ ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୨ ୱିକେଟ ଅକ୍ତିଆର କରିଥିବାବେଳେ କୁଲଦୀପ ଯାଦବ ଏବଂ ଲୁଙ୍ଗି ନିଗିଡି ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସକ୍ଷମ ହୋଇଛନ୍ତି ।

# ଜୁନ ପର୍ଯ୍ୟନ୍ତ ଘୁଞ୍ଚିଲା ଦୋହା ଡାଏମଣ୍ଡ ଲିଗ୍



ଜୋହାନ୍ସବର୍ଗ,୦୯/୦୪: ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧକୁ ନେଇ ଅନେକ କ୍ରୀଡା ପ୍ରତିଯୋଗିତା ପ୍ରଭାବିତ ହୋଇଛି । ପୂର୍ବରୁ ସାଉଦି ଆରବ ଗ୍ରାଁପ୍ରି ଫର୍ମୁଲା ୱାନ୍ ରେସ୍ ବାତିଲ ହୋଇ ସାରିଥିବାବେଳେ ଆଥ୍‌ଲେଟିକ୍ ସିଜନର ପ୍ରଥମ ପ୍ରତିଯୋଗିତା ଦୋହା ଡାଏମଣ୍ଡ ଲିଗ୍‌କୁ ଜୁନ୍ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ମାସ ୮ ତାରିଖରେ ଡାଏମଣ୍ଡ ଲିଗ୍‌ର ପ୍ରଥମ ଚରଣ ଆୟୋଜିତ ହେବାର ଥିଲା । ମାତ୍ର ଯୁଦ୍ଧରେ ପ୍ରଭାବିତ କତାରରେ କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବା ସମ୍ଭବ ହୋଇ ପାରି ନାହିଁ । ଆୟୋଜକ ପ୍ରାଥମିକ ପର୍ଯ୍ୟାୟରେ ଜୁନ୍ ୧୯ ତାରିଖକୁ ଦୋହା ଡାଏମଣ୍ଡ ଲିଗ୍ ଘୁଞ୍ଚାଇ ଦେଇଛନ୍ତି । ସୂଚନାଯୋଗ୍ୟ, କୋପା ଆମେରିକା କପ୍ ଚାମ୍ପିଅନ୍ ଆର୍ଜେଣ୍ଟିନା ଓ ୟୁରୋ ଚାମ୍ପିଅନ୍ସିପ୍ ଚାମ୍ପିଅନ ସ୍ପେନ ମଧ୍ୟରେ ଫିନାଲେସିମା ମୁକାବିଲା ମଧ ଦୋହା ସହରରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା । ଯୁଦ୍ଧ ଯୋଗୁଁ ଉକ୍ତ ମ୍ୟାଚ୍‌କୁ ବାତିଲ କରାଯାଇଛି । ଏହା ବ୍ୟତୀତ କତାର ମୋଟୋ ଜିପି ଓ ବିଶ୍ୱ ଏଣ୍ଡ୍ୟୁରାନ୍ସ ଚାମ୍ପିଅନସିପ ମଧ ସ୍ଥଗିତ ରଖାଯାଇଛି।

## ବିରାଟଙ୍କ ମହାରେକର୍ଡ଼ ଭାଙ୍ଗିଲେ ରାହୁଲ

ମୁମ୍ବାଇ,୯/୪ : ଗୁଜରାଟ ବିପକ୍ଷ ଦିଲ୍ଲୀକୁ ପରାଜୟ ସାମ୍ନା କରିବାକୁ ପଡ଼ିଥିଲା। ମାତ୍ର ଦିଲ୍ଲୀ ଲାଗି କେଏଲ୍ ରାହୁଲ ୯୨ରନର ପାଳି ଖେଳି ଖାସ୍ ରେକର୍ଡ଼ ନିଜ ନାଁରେ କରି ନେଇଥିଲେ । କେଏଲ୍ ରାହୁଲ ଏବେ ଆଇପିଏଲ୍ ଇତିହାସରେ ଓପନର ଭାବେ ସବୁଠାରୁ ଅଧିକ ପାଳିରେ ୪କିମ୍ବା ତା'ଠାରୁ ଅଧିକ ଛକ୍କା ଲଗାଇଥିବା ବ୍ୟାଟର ହୋଇଯାଇଛନ୍ତି । ଏଭଳି କରି କେଏଲ୍ ରାହୁଲ ବିରାଟ କୋହଲୀଙ୍କୁ ଓପନରରେ ପଛରେ ପକାଇ ଦେଇଛନ୍ତି । ଏହା ୧୮ଥର ଅଟେ ଯେତେବେଳେ ରାହୁଲ ଓପନର ଭାବେ ନିଜ ପାଳିରେ ୪ କିମ୍ବା ତା'ଠାରୁ ଅଧିକ ଛକ୍କା ଲଗାଇଛନ୍ତି । ସେହିଭଳି କୋହଲୀ ଓପନର



ଭାବେ ଆଇପିଏଲରେ ନିଜ ପାଳି ସମୟରେ ୪ କିମ୍ବା ତା'ଠାରୁ ଅଧିକ ଛକ୍କା ୧୭ଥର ଲଗାଇଛନ୍ତି ।ଆଇପିଏଲରେ ଭାରତୀୟ ଓପନର ଭାବେ ୪କିମ୍ବା ତା'ଠାରୁ ଅଧିକ ଛକ୍କା ୧୮ : କେଏଲ୍ ରାହୁଲ, ୧୭ : ବିରାଟ କୋହଲୀ, ୧୧ : ଶୁଭମନ ଗିଲ୍, ୧୦ : ବିରେନ୍ଦ୍ର ସେହ୍ୱାଗ।

## ନର୍ଭସ ଥିଲେ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ,୯।୪: ଭାରତୀୟ କ୍ରିକେଟର ଜସପ୍ରିତ ବୁମରାହଙ୍କ ବିପକ୍ଷରେ ଖେଳିବାକୁ ବିଶ୍ୱର ଶ୍ରେଷ୍ଠ ବ୍ୟାଟରମାନେ ମଧ ଭୟଭୀତ ହୁଅନ୍ତି। ତାଙ୍କର ସଠିକ୍ ୟର୍କର କୌଣସି ଗୁଳି ପରି ଶକ୍ତିଶାଳୀ। ବ୍ୟାଟରମାନେ ବୁମରାହଙ୍କ ସ୍ପ ?ଲ୍ ଶେଷ ହେବାକୁ ଅପେକ୍ଷା କରିଥାନ୍ତି, କିନ୍ତୁ ଯେତେବେଳେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଇଣ୍ଡିଆନ ପ୍ରିମିୟର ଲିଗରେ ବ୍ୟାଟିଂ କରିବାକୁ ଆସିଥିଲେ, ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ବୁମରାହଙ୍କ ଓଭରରେ ଦୁଇଟି ଛକା ମାରି ବୈଭବ ସମସ୍ତଙ୍କ ହୃଦୟ ଜିଣି ନେଇଥିଲେ।ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂ ଦେଖି ବୁମରାହ ନିଜେ ମଧ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏବେ, ବୈଭବ ସୂର୍ଯ୍ୟବଂଶୀ ବୁମରାହଙ୍କ ବିପକ୍ଷରେ ବ୍ୟାଟିଂ କରିବା ସମୟରେ କ'ଣ ଭାବୁଥିଲେ ତାହା ପ୍ରକାଶ କରିଛନ୍ତି। ବୈ ?ଭବ ସୂର୍ଯ୍ୟବଂଶୀ କହିଛନ୍ତି, 'ମୁଁ କେବଳ ବୋଲରଙ୍କୁ ନ ଦେଖି କେବଳ ବଲ୍ ଉପରେ ଧ୍ୟାନ ଦେଉଥିଲି। ଜଣେ ମହାନ ବୋଲରଙ୍କୁ ସାମ୍ନା କରିବା ବିଷୟରେ ମୁଁ ଟିକେ ନର୍ଭସ ଥିଲି, କିନ୍ତୁ ମୁଁ ମୋର ନାଚୁରାଲ ଗେମ୍ ଉପରେ ଧ୍ୟାନ ଦେଉଥିଲି।'ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ବର୍ଷା ପ୍ରଭାବିତ ମ୍ୟାଚ୍ ?ରେ, ବୈଭବ ସୂର୍ଯ୍ୟବଂଶୀ ୧୪ ବଲ୍ ?ରେ ୩୯ ରନ୍ ?ରେ ଏକ ଧୂଆଁଧାର ଇନିଂସ ଖେଳିଥିଲେ। ସେ ତାଙ୍କ ଇନିଂସରେ ୫ଟି ଛକା ଏବଂ ଗୋଟିଏ ଚୌକା ମଧ ମାରିଥିଲେ। ବର୍ଷା ଯୋଗୁଁ ମ୍ୟାଚ୍ ?କୁ ୧୧ ଓଭରକୁ ହ୍ରାସ କରାଯାଇଥିଲା। ରାଜସ୍ଥାନ ପାଇଁ ଇନିଂସ ଆରମ୍ଭ କରି, ବୈଭବ ଏବଂ ଯଶସ୍ୱୀ ଜୟସ୍ୱାଲ ମିଳିତ ଭାବରେ ୩୦ ବଲ୍‌ରେ ୮୦ ରନ୍ କରିଥିଲେ। ବୈଭବଙ୍କ ବ୍ୟତୀତ, ଯଶସ୍ୱୀ ମଧ ରାଜସ୍ଥାନ ପାଇଁ ଅପରାଜିତ ରହି ୩୨ ବଲ୍ ?ରେ ୭୭ ରନ୍ କରିଥିଲେ।

# ଡେଡ୍ ବଲ୍ ନିୟମ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ,୯।୪: କ୍ରିକେଟ ଅନିଶ୍ଚିତତାର ଖେଳ ଭାବରେ ଜଣାଶୁଣା, କିନ୍ତୁ ଯେତେବେଳେ ଅମ୍ପାୟାର ନିଷ୍ପତ୍ତିରୁ ଅନିଶ୍ଚିତତା ସୃଷ୍ଟି ହୁଏ, ଖେଳର ରୋମାଞ୍ଚ ବିବାଦରେ ପରିଣତ ହୁଏ। ଗତକାଲି ରାତିରେ ଅରୁଣ ଜେଟଲି ଷ୍ଟାଡିୟମରେ ଏପରି କିଛି ଘଟିଥିଲା, ଯେଉଁଠାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ମ୍ୟାଚ୍ ଏକ ସସପେନ୍ସପୂର୍ଣ୍ଣ ରୋମାଞ୍ଚକର ଦୃଶ୍ୟଠାରୁ କମ ନ ଥିଲା। କିନ୍ତୁ ଏହି ଫିଲ୍ମର ଖଳନାୟକ ଜଣେ ବୋଲର କିମ୍ବା ବ୍ୟାଟସମ୍ୟାନ ନଥିଲେ, ବରଂ ଏକ ଅମ୍ପାୟାରିଂ ନିଷ୍ପତ୍ତି ଯାହା ଦିଲ୍ଲୀକୁ ବିଜୟରୁ ଛଡ଼ାଇ ନେଇଥିଲା।

ଅରୁଣ ଜେଟଲି ଷ୍ଟାଡିୟମରେ, ବଲକୁ ଡେଡ୍ ଘୋଷଣା କରିଥିବା ନିୟମ ବିଷୟରେ ପ୍ରସଙ୍ଗ ଅଧିକ ହୋଇଗଲା, ଯାହା ଦିଲ୍ଲୀକୁ ଏକ ରନରୁ ବଞ୍ଚିତ କରିଥିଲା ଯାହା ଦଳକୁ ପରାଜୟରୁ ରକ୍ଷା କରିପାରିଥାନ୍ତା। ଅନେକ କ୍ରିକେଟ ବିଶେଷଜ୍ଞ ଏହା ମଧ କହିବା ଆରମ୍ଭ କରିଛନ୍ତି ଯେ ଯଦି ଜଣେ ବ୍ୟାଟସମ୍ୟାନ ଆଉଟ ନ ହୁଅନ୍ତି, ତେବେ ତାଙ୍କର ରନ ତାଙ୍କୁ ଶ୍ରେୟ ଦିଆଯିବା ଉଚିତ, ଏବଂ ଡେଡ ବଲ ନିୟମକୁ ଗମ୍ଭୀରତାର ସହିତ ପୁନର୍ବିଚାର କରାଯିବା ଆବଶ୍ୟକ।ଦିଲ୍ଲୀର ଇନିଂସର ୯.୨ ଓଭରରେ, ନୀତିଶ ରାଣା ରସିଦ ଖାନଙ୍କ ସ୍ପିନକୁ ଓଭରସ୍ୱାଇପ କରିବାକୁ ଚେଷ୍ଟା କରୁଥିଲେ ଯେତେବେଳେ ବଲ ତାଙ୍କ ପ୍ୟାଡରେ ଲାଗିଲା। ପଡ଼ିଆରେ ଥିବା ଅମ୍ପାୟାର ନୀତିନ ମେନନ ଏବଂ ଅନିଲ ସହସ୍ରବୁଦ୍ଧ କିଛି ମୁହୂର୍ତ୍ତ ନୀରବତା ପରେ ଆଙ୍ଗୁଠି ଉଠାଇଲେ। ଏହି ସମୟରେ, ବ୍ୟାଟସମ୍ୟାନ ପୂର୍ବରୁ ଏକ ରନ ପାଇଁ ଦୌଡ଼ିଥିଲେ। ରାଣା ତୁରନ୍ତ ଡିଆରଏସ ସମୀକ୍ଷା କଲେ, ଏବଂ ରିପ୍ଲେ ସ୍ପଷ୍ଟ ଭାବରେ ଦେଖାଗଲା ଯେ ବଲ ବ୍ୟାଟର ଧାର ନେଇଛି। ନିଷ୍ପତ୍ତିକୁ ବାତିଲ କରାଯାଇଥିଲା, ରାଣାଙ୍କୁ ନଟ ଆଉଟ ଘୋଷଣା କରାଯାଇଥିଲା, କିନ୍ତୁ ଦିଲ୍ଲୀର ପରାଜୟ ସିଲ ହୋଇଥିଲା। ଆଇସିସି ନିୟମ ଅନୁଯାୟୀ, ପଡ଼ିଆରେ ଥିବା ଅମ୍ପାୟାର ଆଉଟ ସଙ୍କେତ ଦେବା ମାତ୍ରେ ବଲକୁ ତୁରନ୍ତ ଡେଡ ବୋଲି ବିବେଚନା କରାଯାଏ। ଏହାର ଅର୍ଥ ହେଉଛି ଯେ ବ୍ୟାଟସମ୍ୟାନ ତା'ପରେ ଦଶ ଥର ବିଶ୍ୱବ୍ୟାପୀ ବୁଲି ଆସିଲେ ମଧ, ସେହି ଦୌଡ଼ ସ୍କୋରବୋର୍ଡରେ ଯୋଡାଯିବ ନାହିଁ। ରାଣା ଦୌଡ଼ ପୂରଣ କରିଥିଲେ, କିନ୍ତୁ ଅମ୍ପାୟାରଙ୍କ 'ଭୁଲ' ଆଙ୍ଗୁଠି ସେହି ମୂଲ୍ୟବାନ ଦୌଡ଼କୁ ବାତିଲ କରିଦେଇଥିଲା।

ମ୍ୟାଚ୍ ଶେଷରେ, ଯେତେବେଳେ ଦିଲ୍ଲୀ କ୍ୟାପିଟାଲ୍ସ ମାତ୍ର ଗୋଟିଏ ରନରେ ହାରିଗଲା, ଡଗଆଉଟରେ ନୀରବତା ଛିଣ୍ଡିଗଲା। ପ୍ରଶଂସକମାନେ ସୋସିଆଲ ମିଡିଆରେ ଉତ୍ତେଜିତ ହୋଇ ଦାବି କଲେ ଯେ ଯଦି ଅମ୍ପାୟାର ଶୀଘ୍ର ନିଷ୍ପତ୍ତି ନେଇ ନଥାନ୍ତେ କିମ୍ବା ସଠିକ ନିଷ୍ପତ୍ତି ନେଇ ନଥାନ୍ତେ, ତେବେ ସେହି ଗୋଟିଏ ଦୌଡ଼ ଦିଲ୍ଲୀର ଭାଗ୍ୟ ବଦଳାଇ ପାରିଥାନ୍ତା। ଅଭିଜ୍ଞ ସମୀକ୍ଷକମାନେ ମଧ ବିଶ୍ୱାସ କରନ୍ତି ଯେ, ପ୍ରଯୁକ୍ତିବିଦ୍ୟା ସହିତ, ଅମ୍ପାୟାରମାନେ ସେମାନଙ୍କର ନିଷ୍ପତ୍ତିକୁ ଟିକିଏ ବିଳମ୍ବ କରିବା ଉଚିତ, ଯାହା ଫଳରେ ଦୌଡ଼ ସମାପ୍ତ ହେବା ପରେ ହିଁ ଡେଡ ବଲ ନିୟମ ଲାଗୁ ହୁଏ। ଦିଲ୍ଲୀ ପାଇଁ, ଏହି ପରାଜୟ ଏକ ଗଭୀର କ୍ଷତଠାରୁ କମ ନୁହେଁ; ହୁଏତ ସେମାନେ ପଡ଼ିଆରେ ହାରି ନଥିବେ କିନ୍ତୁ ନିୟମର ଚକ୍ରବ୍ୟୁହରେ ଫସି ପରାଜିତ ହୋଇଥିଲେ। ବିସିସିଆଇ ଏବଂ ଆଇସିସି କ'ଣ ଏହି ନିୟମଗୁଡ଼ିକର ପୁନର୍ବିଚାର କରିବେ, ନା ଏହି ଅମ୍ପାୟାରିଂ ତ୍ରୁଟି ମ୍ୟାଚ୍‌ର ମୋଡ଼ ବଦଳାଇ ଦେବ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ।

## ସ୍ମୃତି-ପଲାଶଙ୍କ ମଧ୍ୟରେ ହୋଇଗଲା ପ୍ୟାଚ୍‌ଅପ୍!

ମୁମ୍ବାଇ,୯।୪: ସଂଗୀତକାର ପଲାଶ ମୁଛଲ ଏବଂ ଭାରତୀୟ ମହିଳା କ୍ରିକେଟ ଦଳର ବ୍ୟାଟ୍ସମ୍ୟାନ ସ୍ମୃତି ମନ୍ଧାନାଙ୍କ ମଧ୍ୟ ପ୍ୟାଚ୍‌ଅପ୍ ହୋଇଯାଇଛି। ଉଭୟ ଖୁବ୍‌ଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ଏନେଇ ଉଭୟଙ୍କ ପରିବାର ପକ୍ଷରୁ କିଛି କୁହାଯାଇ ନାହିଁ। ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଭିଡିଓରେ ପଲାଶଙ୍କ ଭଉଣୀ ତଥା ଗାୟିକା ପଲକ ମୁଛଲ ଏବଂ ତାଙ୍କ ସ୍ୱାମୀ ମିଥୁନ ସ୍ମୃତିଙ୍କ ପିତା ଶ୍ରୀନିବାସଙ୍କ ସହିତ ନଜର ଆସିଛନ୍ତି। ଭିଡିଓରେ ପଲକ ସ୍ମୃତିଙ୍କ ପିତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଥିବା ଦେଖାଯାଉଛି। ଏହି ଫୁଟେଜ ଦେଖି ପ୍ରଶଂସକମାନେ ବହୁତ ଆଶ୍ଚର୍ଯ୍ୟ ହୋଇଛନ୍ତି। ସୋସିଆଲ ମିଡିଆରେ ଭିଡିଓଟି ପ୍ରକାଶ ପାଇବା ମାତ୍ରେ ଦୁଇ ପରିବାର ମଧ୍ୟରେ ସବୁକିଛି ହୋଇଯାଇଥିବା ଚର୍ଚ୍ଚା ହେଉଛି। ଗତ ନଭେମ୍ବରରେ ପଲାଶ ଏବଂ ସ୍ମୃତିଙ୍କ ବିବାହ ସ୍ଥିର ହୋଇଥିଲା। ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଥିଲା; କିନ୍ତୁ, ବିବାହ ଉତ୍ସବର ମାତ୍ର ଗୋଟିଏ ଦିନ ପୂର୍ବରୁ ବିବାହ ବାତିଲ କରାଯାଇଥିଲା। ବିବାହର ମାତ୍ର ଗୋଟିଏ ଦିନ ପୂର୍ବରୁ କ୍ରିକେଟରଙ୍କ ପିତା ଶ୍ରୀନିବାସ ମନ୍ଧାନା ଅସୁସ୍ଥ ହୋଇପଡ଼ିବାରୁ ବିବାହ ବାତିଲ ହୋଇଥିଲା। ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ବିବାହକୁ ପ୍ରଥମେ କିଛିଦିନ ପାଇଁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ପଲାଶ ସ୍ମୃତିଙ୍କ ସହିତ ପ୍ରତାରଣା କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଫଳସ୍ୱରୂପ ବିବାହକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଏକ୍ସଟ୍ରା ଖେଳାଳିଙ୍କ ପାଇଁ ନିୟମ

## ମ୍ୟାଚ୍ ବେଳେ ଗ୍ରାଉଣ୍ଡକୁ ଏଣ୍ଟ୍ରୀ ମନା, ଅଚାନକ ବିସିସିଆଇ ବଦଳାଇଲା ନିୟମ

ନୂଆଦିଲ୍ଲୀ,୦୯।୦୪; ଚଳିତ ଆଇପିଏଲ୍‌ରେ ଅତିରିକ୍ତ ଖେଳାଳିମାନଙ୍କ ପାଇଁ ବିସିସିଆଇ ନୂଆ ନିୟମ ଲାଗୁ କରିଛି । ମ୍ୟାଚ୍ ସମୟରେ କୌଣସି ଦଳର ଅତିରିକ୍ତ ଖେଳାଳି ଗ୍ରାଉଣ୍ଡ୍ ମଧ୍ୟରେ ପ୍ରବେଶ କରିପାରିବେ ନାହିଁ । ବିନା ଅନୁମତିରେ ଖେଳୁଥିବା ପ୍ଲେୟାରଙ୍କୁ ପାଣି ବି ପିଆଇ ପାରିବେ ନାହିଁ ।କେବଳ ମ୍ୟାଚ୍ ପାଇଁ ଦଳ ମ୍ୟାଚ୍ ରେଫରୀଙ୍କୁ ପ୍ରଦାନ କରିଥିବା ୧୬ ଜଣିଆ ଦଳରେ ରହିଥିବା ଖେଳାଳିମାନେ ମ୍ୟାଚ୍ ଚାଲିଥିବା ସମୟରେ ଗ୍ରାଉଣ୍ଡ ଭିତରେ ପ୍ରବେଶ କରିପାରିବେ । ବାକି ଖେଳାଳି ଡଗ୍ ଆଉଟ୍‌ରେ ବସି ପାରିବେ । ସୂଚନାଯୋଗ୍ୟ, ପ୍ରତ୍ୟେକ ଫ୍ରାଞ୍ଚାଇଜ ୨୫ ଜଣିଆ ଦଳ ଗଠନ କରିବାର ନିୟମ ରହିଛି । ମ୍ୟାଚ୍ ପୂର୍ବରୁ ପ୍ରତ୍ୟେକ ଦଳ କେବଳ ୧୬ଜଣିଆ ଦଳ ତାଲିକା ମ୍ୟାଚ୍ ରେଫରୀଙ୍କୁ ପ୍ରଦାନ କରିବେ । ୧୬ ଜଣ ଖେଳାଳିଙ୍କ ବ୍ୟତୀତ ଅନ୍ୟ କାହାକୁ ପଡିଆରେ ପ୍ରବେଶ କରିବାକୁ ଅନୁମତି ମିଳିବ ନାହିଁ ।

ନୂତନ ନିୟମ ଅନୁଯାୟୀ, ଅବଶିଷ୍ଟ ଖେଳାଳିମାନେ ଡଗ୍ ଆଉଟରେ ରହିବେ ଏବଂ ସୀମା ରେଖା ଏବଂ ଖରଭ ବୋର୍ଡ ମଧ୍ୟରେ ଗତି କରିବାକୁ ଅନୁମତି ଦିଆଯିବ ନାହିଁ । ଦଳର ସୂତ୍ର କହୁଛି ଯେ, ସମ୍ପ୍ରତି ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି ଯେ,




ବଦଳ ଖେଳାଳିମାନେ ମ୍ୟାଚ୍ ସମୟରେ ପଡ଼ିଆରେ ବୁଲିପାରିବେ ନାହିଁ ଏବଂ ପାନୀୟ ନେଇପାରିବେ ନାହିଁ।

୧୧ ଜଣ ଖେଳିବେ ଓ ବାକି ୫ଜଣ ଖେଳାଳି ଆବଶ୍ୟକ ସ୍ଥଳେ ବଦଳ ଭାବେ ଫିଲ୍ଡିଂ କରି ପାରିବେ, ଗ୍ରାଉଣ୍ଡରେ ଥିବା ଖେଳାଳିଙ୍କ ପାଇଁ ପାଣି ନେଇ ପାରିବେ, ବ୍ୟାଟ ଓ ଅନ୍ୟାନ୍ୟ କ୍ରୀଡା ଉପକରଣ ନେଇ ପାରିବେ କିମ୍ବା ଟିମ ମ୍ୟାନେଜମେଣ୍ଟ ପକ୍ଷରୁ ଖେଳାଳିମାନଙ୍କ ନିକଟରେ କିଛି ସୂଚନା ପହଞ୍ଚାଇ ପାରିବେ । ଦଳର ବାକି ଖେଳାଳିମାନେ ଡ୍ରେସି ରୁମ୍ ଓ ଖେଳାଳିଙ୍କ ପାଇଁ ପ୍ରଦତ୍ତ ସ୍ଥାନରେ ବସି ପାରିବେ । କିନ୍ତୁ କୌଣସି କାର୍ଯ୍ୟ ପାଇଁ ଗ୍ରାଉଣ୍ଡରେ ପ୍ରବେଶ କରିପାରିବେ ନାହିଁ କିମ୍ବା ବାଉଣ୍ଡାରୀ ଲାଇନ୍ ନିକଟରେ ବୁଲା ବୁଲି କରିପାରିବେ ନାହିଁ ।

ବିସିସିଆଇ ଏପରି ଏକ ନିୟମ ତତ୍କାଳ ଭାବେ ଜାରି କରିଥିଲେ ହେଁ ଏହା ପଛର କାରଣ କିଛି ବି କହିନାହିଁ। ଆଇପିଏଲରେ ଗୋଟିଏ ଫ୍ରାଞ୍ଚାଇଜ ୨୦ରୁ ଅଧିକ ଖେଳାଳିଙ୍କୁ କିଣୁଛନ୍ତି। ସେମାନେ ସମସ୍ତେ ଡଗଆଉଟରେ ଉପସ୍ଥିତ ରହୁଛନ୍ତି ।ସେମାନେ ଅନେକ ସମୟରେ ପାଣି ଓ ବ୍ୟାଟ ନେଇ ମଧ ପଡିଆରେ ପ୍ରବେଶ କରନ୍ତି। ହେଲେ ଏବେ ଆଉ ସେମିତ ହୋଇ ପାରିବ ନାହିଁ। ୧୬ ଜଣିଆ ସ୍କ୍ୱାଡରେ ଥିବା ଖେଳାଳିମାନେ ହିଁ କେବଳ ଏସବୁ କାମ କରିବେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ